୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.118 Bhubaneswar Thursday June 13 2024 | ୨୬ତମ ବର୍ଷ ସଂଖ୍ୟା-୧୧୮ ଭୁବନେଶ୍ୱର, ଗୁରୁବାର, ଜୁନ ୧୩, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ବିଜେପି ସରକାରର ପ୍ରଥମ ନିଷ୍ପତ୍ତି: ଆସନ୍ତାକାଲି ଖୋଲିବ ଶ୍ରୀମନ୍ଦିରର ୪ ଦ୍ୱାର

## ୧୦୦ଦିନରେ ମହିଳାଙ୍କୁ ଭାଉଚର ଓ ଚାଷୀଙ୍କୁ ୩୧୦୦ଟଙ୍କା ଏମଏସପି



ଭୁବନେଶ୍ୱର, ୧୨।୬(ପି.ଏନ): ରାଜ୍ୟର ବିଜେପି ସରକାର ଆଜି ଶପଥ ନେବା ସହ ନିଜର ପ୍ରଥମ କ୍ୟାବିନେଟ୍ ଓ ମନ୍ତ୍ରିପରିଷଦ ବୈଠକରେ ୪ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚାରିଦ୍ୱାର ଖୋଲିବା ଓ ଶ୍ରୀମନ୍ଦିର ପରିଚାଳନା ପାଇଁ ୫୦୦କୋଟି ଟଙ୍କାର କର୍ପସ ପାଣ୍ଠି, ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ଓ ଚାଷୀଙ୍କ ପାଇଁ ସମୃଦ୍ଧ କୃଷକ ନୀତି ଆସନ୍ତା ୧୦୦ଦିନ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ରାଜ୍ୟର ବିଜେପି ସରକାର ନିଷ୍ପତ୍ତି ନେଇଛି ।ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ଓ ମନ୍ତ୍ରିପରିଷଦ ବୈଠକରେ ୪ଟି ପ୍ରସ୍ତାବ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ପୁରୀ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ୪ ଦ୍ୱାର ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି । ଆସନ୍ତାକାଲି ପୁରୀରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ସମୟରେ ରାଜ୍ୟ କ୍ୟାବିନେଟର ସଦସ୍ୟମାନଙ୍କ ଉପସ୍ଥିତିରେ ଏହି ଚାରି ଦ୍ୱାର ଖୋଲାଯିବ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ଓ ସମସ୍ତଙ୍କ ପାଇଁ ସୁବ୍ୟବସ୍ଥିତ ଦର୍ଶନ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ।ସେହିପରି ଦ୍ୱିତୀୟ ପ୍ରସ୍ତାବରେ ଶ୍ରୀମନ୍ଦିରର ସୁପରିଚାଳନା, ସୌନ୍ଦର୍ଯ୍ୟକରଣ, ମରାମତି ଓ ଭକ୍ତଙ୍କ ପାଇଁ ରହିଥିବା ସମସ୍ୟାର ସମାଧାନ ପାଇଁ ଏକ କର୍ପସ ପାଣ୍ଠି ଗଠନ କରାଯିବ । ସେଥିରେ ୫୦୦କୋଟି ଟଙ୍କା ରହିବ ଓ ବଜେଟରେ ଏଥିପାଇଁ ବ୍ୟବସ୍ଥା ରହିବ । ଅଚାନକ କୌଣସି ସମସ୍ୟା ଆସିଲେ ଏହି ଅର୍ଥରୁ ତାହା ଖର୍ଚ୍ଚ କରାଯାଇପାରିବ ।

## ସୁରମା ପାଢ଼ୀ ହେବେ ଓଡିଶା ବିଧାନସଭାର ବାଚସ୍ପତି



ଭୁବନେଶ୍ୱର, ୧୨।୬(ପି.ଏନ): ବିଜେପି ବିଧାୟକ ସୁରମା ପାଢ଼ୀ ହେବେ ଓଡିଶା ବିଧାନସଭାର ବାଚସ୍ପତି। ନୂଆ ମନ୍ତ୍ରିମଣ୍ଡଳ ଗଠନ ପରେ ତାଙ୍କ ନାଁକୁ ଚର୍ଚ୍ଚା ହେଉଛି। ସୁରମା ହେଉଛନ୍ତି ନୟାଗଡ ଜିଲ୍ଲା ରଣପୁର ନିର୍ବାଚନମଣ୍ଡଳୀର ବିଧାୟକ। ଦ୍ୱିତୀୟ ଥର ପାଇଁ ସେ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି।ସୁରମା ପାଢ଼ୀ ୧୯୬୦ ମସିହାର ଡିସେମ୍ବର ୨୯ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସେ ଗୃହ ବିଜ୍ଞାନରେ ସ୍ନାତକୋତ୍ତର ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓକିଲାତି ପଢ଼ିଥିଲେ। ୧୯୮୮ ମସିହାରେ ଭାରତୀୟ ଜନତା ପାର୍ଟିରେ ଯୋଗଦେଇଥିଲେ। ୧୯୯୮ ମସିହାରେ ସେ ବିଜେପି ରାଜ୍ୟ ମହିଳା ମୋର୍ଚ୍ଚାର ସଭାପତି ହୋଇଥିଲେ। ୨୦୦୦ ମସିହା ପର୍ଯ୍ୟନ୍ତ ସେ ସେହି ପଦବୀରେ ରହିଥିଲେ। ୨୦୦୦ ମସିହାରେ ସେ ଜାତୀୟ ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚାର ସଭାପତି ହୋଇଥିଲେ।

## ମନ୍ତ୍ରୀମଣ୍ଡଳରେ ସାମିଲ ହେବାକୁ ଆସିଲା ଫୋନ୍ କଲ୍ , ସୂର୍ଯ୍ୟବଂଶୀ ସୁରଜଙ୍କୁ ପ୍ରଥମ କଲ୍



ଭୁବନେଶ୍ୱର, ୧୨।୬(ପି.ଏନ): ମନ୍ତ୍ରୀମଣ୍ଡଳରେ ସାମିଲ ହେବାକୁ ସୂର୍ଯ୍ୟବଂଶୀ ସୁରଜଙ୍କୁ ପ୍ରଥମ ଫୋନ୍ କଲ୍ ଆସିଛି । ସୁରଜ ହେଉଛନ୍ତି ରାଜ୍ୟ ବିଜେପିର ଯୁବ ଉଦୀୟମାନ ଚେହେରା । ସାରା ରାଜ୍ୟରେ ବିଜେଡିର ପତିଆରା ଥିବା ବେଳେ ସେ ବିଜେପିରୁ ନିର୍ବାଚିତ ହୋଇଥିଲେ । ସୁରଜ ଧାମନଗରରୁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ସୁରଜ ହେଉଛନ୍ତି ସ୍ୱର୍ଗତଃ ବିଷ୍ଣୁ ଚରଣ ସେଠୀଙ୍କ ପୁଅ । ସୁରଜଙ୍କ ବ୍ୟତିତ ପୃଥ୍ୱୀରାଜ ହରିଚନ୍ଦନ (ଚିଲିକାରୁ ପ୍ରଥମ ଥର ପାଇଁ ନିର୍ବାଚିତ), ମୁକେଶ ମହାଲିଙ୍ଗ, ଗୋପାଳପୁର ବିଧାୟକ ବିଭୂତି ଭୂଷଣ ଜେନା, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପାରାଦ୍ୱୀପ ବିଧାୟକ ସଂପଦ ସ୍ୱାଇଁ ପ୍ରଭୃତି ବିଧାୟକଙ୍କୁ ମଧ୍ୟ ମନ୍ତ୍ରୀମଣ୍ଡଳରେ ସାମିଲ ହେବାକୁ ଫୋନ୍ କଲ୍ ଆସିଛି ।

### ବଦଳିଲା ସରକାରୀ ଅଧିକାରୀଙ୍କ ଛୁଟି ବାତିଲ ନିର୍ଦ୍ଦେଶ, ଜାଣନ୍ତୁ କ'ଣ ରହିଛି ନୂଆ ନିର୍ଦ୍ଦେଶନାମା

ଭୁବନେଶ୍ୱର, ୧୨।୬(ପି.ଏନ): ବଦଳିଲା ସରକାରୀ ଅଧିକାରୀଙ୍କ ଛୁଟି ବାତିଲ ନିଷ୍ପତ୍ତି । ଏ ନେଇ ନୂଆ ନିର୍ଦ୍ଦେଶନାମା ଜାରି କଲେ ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର କୁମାର । ପୂର୍ବରୁ ଜୁନ୍ ୩୦ ଯାଏ ବାତିଲ ହୋଇଥିଲା ଛୁଟି । ହେଡ୍‌କ୍ୱାର୍ଟର ନ ଛାଡିବା ଲାଗି ଥିଲା ନିର୍ଦ୍ଦେଶ । ନୂଆ ନିର୍ଦ୍ଦେଶ ଅନୁଯାୟୀ ଏବେ ଛୁଟି ମିଳିବ କିନ୍ତୁ ଆବଶ୍ୟକ ସ୍ଥଳେ କାର୍ଯ୍ୟରେ ଯୋଗ ଦେବାକୁ ପଡିପାରେ । ଆବଶ୍ୟକ ବେଳେ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ହେବ । ଜରୁରୀକାଳୀନ ସ୍ଥିତିରେ ମୋବାଇଲ୍ ଫୋନ୍‌ରେ ଉପଲବ୍ଧ ରହିବାକୁ ନିର୍ଦ୍ଦେଶ ।

### ଭୁବନେଶ୍ୱରରେ ପହଞ୍ଚିଲେ ୪ ରାଜ୍ୟର ମୁଖ୍ୟମନ୍ତ୍ରୀ; ଶପଥ ସମାରୋହରେ ଯୋଗ ଦେବେ

ଭୁବନେଶ୍ୱର, ୧୨।୬(ପି.ଏନ): ଭୁବନେଶ୍ୱରରେ ପହଞ୍ଚିଲେ ୪ ରାଜ୍ୟର ମୁଖ୍ୟମନ୍ତ୍ରୀ । ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ପହଞ୍ଚିଲେ । ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହ ପହଞ୍ଚିଲେ । ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ପହଞ୍ଚିଲେ । ଗୋଆ ମୁଖ୍ୟମନ୍ତ୍ରୀ ପବନ ସାୱନ୍ତ ପହଞ୍ଚି କରିଲେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ । ଶପଥ ସମାରୋହରେ ଯୋଗ ଦେବେ ୪ ରାଜ୍ୟର ମୁଖ୍ୟମନ୍ତ୍ରୀ ।

## ଲୋକଙ୍କ ପାଇଁ ଏ ସରକାର ଦିନ ରାତି ଏକ କରିଦେବ: ସୁରେଶ ପୂଜାରୀ



ଭୁବନେଶ୍ୱର, ୧୨।୬(ପି.ଏନ): ଲୋକଙ୍କ ପାଇଁ ଏ ସରକାର ଦିନ ରାତି ଏକ କରିଦେବ। ଓଡିଶାରେ ମନ୍ତ୍ରିମଣ୍ଡଳ ଗଠନ ପରେ କ୍ୟାବିନେଟ୍ ? ମନ୍ତ୍ରୀ ଭାବେ ଶପଥ ନେଇଥିବା ପଶ୍ଚିମ ଓଡିଶାର ଟାଣୁଆ ନେତା ସୁରେଶ ପୂଜାରୀ ଆଜି ଏପରି କହିଛନ୍ତି। ସେ ଆହୁରି କହିଛନ୍ତି, ଓଡିଶାବାସୀ ବିଜେପି ସରକାର କେବେ ହେଲେ ନିରାଶ କରିବ ନାହିଁ।ଆଜି ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ମୋହନ ଚରଣ ମାଝୀ। ଶପଥ ଗ୍ରହଣ ଉତ୍ସବ ପରେ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ? ମନ୍ତ୍ରୀ ହୋଇଥିବା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀ କହିଛନ୍ତି, ଆଜି ବସିବାକୁ ଯାଉଥିବା କ୍ୟାବିନେଟ୍ ? ପରେ ସବୁକିଛି ଜଣାଇବୁ। ହେଲେ ଗୋଟିଏ କଥା ସତ ଯେ ବିଜେପି କେବେ ହେଲେ ଓଡିଶାବାସୀଙ୍କୁ ନିରାଶ କରିବନି। ଓଡିଶାର ଅସ୍ମିତା, ଅଭିମାନ ଓ ଓଡିଶାର ପରିଚୟ ଉପରେ ହେଉଥିବା କୋଠାରାଘାତ ଆଉ କରିବାକୁ ଦିଆଯିବନି। ଓଡିଶାକୁ ବିଶ୍ୱ ଦରବାରରେ ପହଞ୍ଚାଇବୁ। ଓଡିଶାକୁ ଏକ ସମୃଦ୍ଧଶାଳୀ ଓଡିଶାରେ ପରିଣତ କରାଇବୁ। ବିକଶିତ ଓଡିଶା, ସମୃଦ୍ଧ ଓଡିଶା, ଆତ୍ମନିର୍ଭର ଓଡିଶା, କ୍ଷୁଦାମୁକ୍ତ ଓଡିଶା, ବେକାରୀ ମୁକ୍ତ ଓଡିଶା ଗଠନ କରିବୁ। ଲୋକଙ୍କ ପାଇଁ ଏ ସରକାର ଦିନ ରାତି ଏକ କରିଦେବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

## ମୋହନଙ୍କ ଶିକ୍ଷିତ ମନ୍ତ୍ରିମଣ୍ଡଳ: ୧୨ ଜିଲ୍ଲାକୁ ପ୍ରତିନିଧିତ୍ୱ, ପ୍ରଥମ ଥରର ୮ ବିଧାୟକଙ୍କୁ ମନ୍ତ୍ରୀ ପଦ



ଭୁବନେଶ୍ୱର, ୧୨।୬(ପି.ଏନ): ଆଜିଠୁ ରାଜ୍ୟରେ ବିଜେପି ସରକାରର ଯୁଗ ଆରମ୍ଭ ହୋଇଛି । ଜନତା ମଇଦାନରେ ଆୟୋଜିତ ଭବ୍ୟ ସମାରୋହରେ ବିଜେପି ବିଧାୟକ ଦଳ ନେତା ମୋହନ ଚରଣ ମାଝୀ ଆଜି ରାଜ୍ୟର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି । ତାଙ୍କ ସହ ୨ଜଣ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା , ୮ଜଣ କ୍ୟାବିନେଟ୍ ମନ୍ତ୍ରୀ ଓ ୫ଜଣ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଶପଥ ନେଇଛନ୍ତି । ତେବେ ମନ୍ତ୍ରିମଣ୍ଡଳରେ ମୋଟ ୧୨ଟି ଜିଲ୍ଲାକୁ ପ୍ରତିନିଧିତ୍ୱ ମିଳିଥିବାବେଳେ ପ୍ରଥମଥର ଜିତିଥିବା ୭ଜଣଙ୍କୁ ମନ୍ତ୍ରୀ ପଦ ମିଳିଛି । ଏକମାତ୍ର ମହିଳା ଭାବେ ମନ୍ତ୍ରିମଣ୍ଡଳରେ ସାମିଲ ଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କୁ ମିଶାଇଲେ ପ୍ରଥମଥର ଜିତି ମନ୍ତ୍ରୀ ହୋଇଥିବା ବିଧାୟକଙ୍କ ସଂଖ୍ୟା ୮କୁ ବୃଦ୍ଧି ପାଇଛି ।ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ମୋଟ ୪ଜଣ ଅନୁସୂଚିତ ଜନଜାତିର ଏବଂ ୨ଜଣ ଅନୁସୂଚିତ ଜାତି ବର୍ଗର ରହିଛନ୍ତି । ଅବଶ୍ୟ ସରକାରିଆ କମିଶନଙ୍କ ପ୍ରାବଧାନ ଅନୁସାରେ ଏବେବି ମନ୍ତ୍ରିମଣ୍ଡଳରେ ଆଉ ୬ଟି ମନ୍ତ୍ରୀ ପଦ ଖାଲି ରହିଛି । ମୋହନଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ଥିବା ସମସ୍ତ ମନ୍ତ୍ରୀଙ୍କ ହାରାହାରି ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଡିଗ୍ରୀ । ଆଉ ସବୁଠୁ କମ୍ ବୟସର ମନ୍ତ୍ରୀ ଭାବେ ସୂର୍ଯ୍ୟବଂଶୀ ସୂରଜ ଓ ବୟୋଜ୍ୟେଷ୍ଠ ମନ୍ତ୍ରୀ ଭାବେ କେଭି ସିଂହଦେଓ ରହିଛନ୍ତି ।ସୂଚନା ଅନୁସାରେ, ମୋହନ ମାଝୀଙ୍କ ସରକାରରେ ପ୍ରଥମଥର ପାଇଁ ବିଧାନସଭାକୁ ଜିତି ଉପମୁଖ୍ୟ ଭାବେ ପ୍ରଭାତୀ ପରିଡା ଏବଂ କ୍ୟାବିନେଟ୍ ମନ୍ତ୍ରୀ ଭାବେ ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ, ବିଭୂତିଭୂଷଣ ଜେନା ଓ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଶପଥ ନେଇଛନ୍ତି । ମୋଟ୍ ୮ଜଣ କ୍ୟାବିନେଟ୍ ମନ୍ତ୍ରୀଙ୍କ ମଧ୍ୟରୁ କେବଳ ୪ଜଣ ରବିନାରାୟଣ ନାଏକ, ନିତ୍ୟାନନ୍ଦ ଗଣ୍ଡ, କୃଷ୍ଣଚନ୍ଦ୍ର ପାତ୍ର ଓ ମୁକେଶ ମହାଲିଙ୍ଗଙ୍କର ପୂର୍ବରୁ ବିଧାନସଭାରେ ଅଭିଜ୍ଞତା ରହିଛି ।ସେହିପରି ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଭାବେ ଶପଥ ନେଇଥିବା ୫ଜଣ ମନ୍ତ୍ରୀଙ୍କ ମଧ୍ୟରେ ୩ଜଣ ସମ୍ପୂର୍ଣ୍ଣ ନବାଗତ । ପ୍ରଦୀପବଳ ସାମନ୍ତ, ଗୋକୁଳାନନ୍ଦ ମଲ୍ଲିକ ଓ ସମ୍ପଦ ଚରଣ ସ୍ୱାଇଁ ପ୍ରଥମଥର ବିଧାନସଭାକୁ ନିର୍ବାଚିତ ହୋଇଥିବାବେଳେ ଗଣେଶରାମ ସିଂ ଖୁଣ୍ଟିଆ ଓ ସୂର୍ଯ୍ୟବଂଶୀ ସୂରଜଙ୍କ ପୂର୍ବରୁ ବିଧାନସଭାରେ ଅଭିଜ୍ଞତା ରହିଛି ।ରାଜ୍ୟରେ ଆଜିଠୁ ଆରମ୍ଭ ହୋଇଥିବା ବିଜେପି ସରକାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବାବେଳେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ବଲାଙ୍ଗୀର ଓ ପ୍ରଭାତୀ ପରିଡା ପୁରୀ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଛନ୍ତି ।

### କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଓ ଶାନ୍ତନୁ ଠାକୁରଙ୍କ ବନ୍ଦର, ପରିବହନ ଏବଂ ଜଳପଥ ମାର୍ଗ ମନ୍ତ୍ରଣାଳୟ ର ଦାୟିତ୍ୱ ଗ୍ରହଣ

ପାରାଦୀପ, ୧୨।୬(ପି.ଏନ): କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏବଂ ଶାନ୍ତନୁ ଠାକୁର ଜୁନ ୧୦ ତାରିଖ ଦିନ କେନ୍ଦ୍ର ବନ୍ଦର, ପରିବହନ ଏବଂ ଜଳପଥ ମାର୍ଗ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ଶ୍ରୀ ସୋନୋୱାଲ କହିଛନ୍ତି, "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗତିଶୀଳ ନେତୃତ୍ୱରେ ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରଣାଳୟ ସାମୁଦ୍ରିକ କ୍ଷେତ୍ରକୁ ସଶକ୍ତିକରଣ ଦିଗରେ ଏକ ଅଭୁତପୂର୍ବ କାର୍ଯ୍ୟ କରୁଛି ଏବଂ ଆମର ଆର୍ଥିକ ବିକାଶ ପାଇଁ ଆମର ସାମଗ୍ରିକ ଉଦ୍ୟମ ଯୋଗୁଁ ଦେଶର ସାମଗ୍ରିକ ବିକାଶ ହୋଇଛି ।

## ଆରମ୍ଭ ହେଲା ମୋହନ ମାଝୀ ଯୁଗ...




ଭୁବନେଶ୍ୱର, ୧୨।୬(ପି.ଏନ): ୨୪ ବର୍ଷର ନବୀନ ପଟ୍ଟନାୟକ ଯୁଗ ଶେଷ ହେଲା। ଆରମ୍ଭ ହେଲା ମୋହନ ମାଝୀ ଯୁଗ। ଆଜି ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଓଡିଶାର ରାଜ୍ୟପାଳ ରଘୁବର ଦାସ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପରେ ଉପ-ମୁଖ୍ୟମନ୍ତ୍ରୀ ଭାବେ କେଭି ସିଂହଦେଓ ଓ ପ୍ରଭାତୀ ପରିଡା ଶପଥ ନେଇଛନ୍ତି। ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇଛନ୍ତି।

## ମୁଁ ଏପର୍ଯ୍ୟନ୍ତ ବଞ୍ଚିଛି ତୁମେ ଭାଙ୍ଗିପଡନି; ସରକାର ପୁଣି ବଦଳିବ ବୋଲି କହିଲେ ନବୀନ



ଭୁବନେଶ୍ୱର, ୧୨।୬(ପି.ଏନ): ୨୪ ବର୍ଷର ସରକାର ଭାଙ୍ଗି ଯାଇଛି । ବିଜେଡି କର୍ମୀ ମାନେ ବି ଭାଙ୍ଗି ପଡିଛନ୍ତି । ସମସ୍ତେ ଏବେ ଝଟକା ଖାଇଛନ୍ତି । ହଠାତ୍ ସରକାର ବଦଳି ଯିବ କେହି କେବେ ଭାବି ନଥିଲେ । କର୍ମୀ ମାନଙ୍କର ଭାବନାରୁ ପୁରା ବିପରିତ ଘଟଣା ସବୁ ଘଟି ଯାଇଛି । ଯାହାକୁ ନେଇ ଏବେ ଦୁଃଖରେ ଭାଙ୍ଗି ପଡଛନ୍ତି ବିଜେଡିର କର୍ମୀ ମାନେ । ହେଲେ ଜଣିଏ କେବଳ ଭାଙ୍ଗି ନାହାଁନ୍ତି ଆଉ ସେ ହେଉଛନ୍ତି ଦଳର ମୁଖିଆ ନବୀନ ପଟ୍ଟନାୟକ । ବିଜେଡିର କର୍ମୀ ମାନଙ୍କୁ ପାଖକୁ ଡାକି ସେମାନଙ୍କ ମନରେ ଉତ୍ସାହ ଭରିଛନ୍ତି ।ସରକାର ଭାଙ୍ଗିଗଲା ପରେ ନବୀନ କର୍ମୀ ମାନଙ୍କୁ ଉତ୍ସାହିତ କରିବାରେ ଲାଗି ପଡିଛନ୍ତି । ଯେମିତି ଦଳ ନଭାଙ୍ଗି ଆଗକୁ ଶକ୍ତ ହେବ ସେ ଦିଗରେ ଆରମ୍ଭ କରିଛନ୍ତି ପ୍ରକ୍ରିଆ । ନିଜେ ମାଇକ ଧରି କର୍ମୀ ମାନଙ୍କୁ ଏମିତି କହିଛନ୍ତି । ଟିକେ ଏହି ସବୁ ଫଟୋକୁ ଦେଖନ୍ତୁ । କେମିତି ନବୀନ ମାଇକ ଧରି କର୍ମୀ ମାନଙ୍କୁ କହୁଛନ୍ତି । କହୁଛନ୍ତିକି ମୁଁ ବଞ୍ଚିଛି ଏପର୍ଯ୍ୟନ୍ତ ମରି ନାହିଁ । ଆମେ ହାରିଛେ କିନ୍ତୁ ଦଳ ଭାଙ୍ଗି ନାହିଁ । ଲୋକଙ୍କୁ ସେବା କରିବା ଆମ ଧର୍ମ । ଆଉ ଆମେ ଯେମିତି ସେବା କରୁଥିଲେ ସେମିତି ଲୋକଙ୍କର ସେବା କରି ଚାଲିବା ।କାରଣ ଓଡିଶାବାସୀଙ୍କ ସେବା ହେଉଛି ଆମର ସଙ୍କଳ୍ପ । ଆଉ ସଂକଳ୍ପକୁ ସାକାର କରିବା ଦିଗରେ ଆମେ ସମସ୍ତେ ଆଗକୁ ବଢ଼ିବା । ଯେତେବେଳେ ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବାକୁ ଯାଉଛନ୍ତି ଠିକ ସେତିକି ବେଳେ ମୁଖ୍ୟମନ୍ତ୍ରୀ ତାଙ୍କ ବାସଭବନରେ କର୍ମୀ ମାନଙ୍କୁ ଏମିତି ମନ୍ତ୍ରଣା ଦେଉଥିବାର ଦେଖିବାକୁ ମିଳିଛି । ସେପଟେ ଯଦି ଦେଖିବା ଏପର୍ଯ୍ୟନ୍ତ ନବୀନଙ୍କ ଉତ୍ତରାଧିକାରୀ କିଏ ହେବ ତାହା ଜଣା ପଡି ନାହିଁ । ଅରୁଣଙ୍କୁ ବାରମ୍ବାର ବୁଝାଉଛନ୍ତି ନବୀନ । ହେଲେ ସେ ବୁଝିବାକୁ ନାରାଜ । ଏମିତି ସମୟରେ ନବୀନ କର୍ମୀ ମାନଙ୍କୁ ଡାକି ଉତ୍ସାହିତ କରୁଛନ୍ତି । ଯାହା ସବୁ ଠାରୁ ଆଶ୍ଚର୍ଯ୍ୟକର କଥା । ଆଗାମି ଦିନରେ ବିଜେଡିର ଭବିଶ୍ୟତ କଣ ହେବ ତାହା ସମୟ କହିବ ।

## ପ୍ରଶାନ୍ତ ଜଗଦେବଙ୍କୁ ମିଳିଲା ନିୟମିତ ବେଲ୍

ଭୁବନେଶ୍ୱର, ୧୨।୬(ପି.ଏନ): ପ୍ରଶାନ୍ତ ଜଗଦେବଙ୍କୁ ନିୟମିତ ଭାବେ ବେଲ୍ ମିଳିଛି । ଏନେଇ ସୂଚନା ଦେଲେ ଜଗଦେବଙ୍କ ଓକିଲ ପୀତାମ୍ବର ଆଚାର୍ଯ୍ୟ । ଇଭିଏମ ଭଙ୍ଗାରୁଜା ଅଭିଯୋଗରେ ଗିରଫ ହୋଇଥିଲେ । ଏହା ପୂର୍ବରୁ ତାଙ୍କୁ ୩ ଦିନ ପାଇଁ ଅନ୍ତରୀଣ ଜାମିନ ମିଳିଥିଲା । ତେବେ ପ୍ରଶାନ୍ତଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି । ନିମ୍ନ ଅଦାଲତ ସର୍ତ୍ତ ସ୍ଥିର କରିବେ । ପୋଲିଂ ବୁଥରେ ଗଣ୍ଡଗୋଳ ମାମଲାରେ ତାଙ୍କୁ ଗିରଫ କରାଯାଇଥିଲା । ଏହାପରେ ପ୍ରଶାନ୍ତ ଜଗଦେବଙ୍କୁ ୩ ଦିନ ପାଇଁ ଅନ୍ତରୀଣ ଜାମିନ ମିଳିଥିଲା । ତେବେ ବର୍ତ୍ତମାନ ତାଙ୍କୁ ନିୟମିତ ଜାମିନ ମିଳିଛି ବୋଲି ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।ସୂଚନାଯୋଗ୍ୟ ଚଳିତ ସାଧାରଣ ନିର୍ବାଚନରେ ଖୋର୍ଦ୍ଧାରୁ ବିଜେପିର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ ମେ ୨୫ ତାରିଖରେ ବୋଲଗଡ଼ର ଏକ ବୁଥରେ ପଶି ଇଭିଏମ ଭଙ୍ଗାରୁଜା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଆଧାରରେ ପ୍ରଶାନ୍ତ ଜଗଦେବଙ୍କୁ ପୁଲିସ ଗିରଫ କରିଥିଲା। ପ୍ରଶାନ୍ତ ଜଗଦେବଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନଥିବାରୁ ତାଙ୍କୁ କଟକ ବଡଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ପୁରାଣ କାହାଣୀ

## ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁ ଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। ‘ହେନ ନା’ ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।




# ଦୁଇଟି ହୃଦୟର ମିଳନରୁ ସୃଷ୍ଟି ହୁଏ ପ୍ରେମ

ପ୍ରେମ ଶାଶ୍ୱତ, ପ୍ରେମ ଚିରନ୍ତନ। ଦୁଇଟି ହୃଦୟର ମିଳନରୁ ସୃଷ୍ଟି ହୁଏ ପ୍ରେମ। ପ୍ରତି ପର୍ବପର୍ବାଣୀ ଭଳି ବା ସ୍ମରଣୀୟ ଦିବସ ଭଳି ପ୍ରେମ ପାଇଁ ମଧ୍ୟ ରହିଛି ଏକ ସ୍ୱତନ୍ତ୍ର ଦିବସ। ପ୍ରତିବର୍ଷ ଫେବୃୟାରୀ ୧୪ ତାରିଖକୁ ଆନ୍ତର୍ଜାତିୟ ଭାଲେଣ୍ଟାଇନ ଡ଼େ ବା ପ୍ରେମ ଦିବସ ରୂପେ ପାଳନ କରାଯାଇଥାଏ। ପ୍ରେମକୁ ଶାଣିତ ସୁନ୍ଦର ଓ ମଜଭୂତ କରିବା ପାଇଁ ପ୍ରେମୀଯୁଗଳ ଏହି ଦିବସରେ ଭେଟି ପ୍ରେମର ପ୍ରତୀକ ସ୍ୱରୂପ ପରସ୍ପରକୁ ଗୋଲାପ ଫୁଲ ଦେଇ ପ୍ରେମକୁ ସ୍ମରଣୀୟ କରିଥାନ୍ତି। ସାମ୍ପ୍ରତିକ ସମୟରେ ପ୍ରେମ ଏକ ମହାମାରୀର ରୂପେ ନେଇଛି। ଏହି ପ୍ରେମ ଯୁବକ ଯୁବତୀଙ୍କୁ ଏପରି ଗ୍ରାସ କରିଛି ଯେ, ଥରେ ଯିଏ ପ୍ରେମଫାଶରେ ଫସିଯାଇଛି, ସେଥିରୁ ମୁକୁଳିବାଟା ବହୁତ କଷ୍ଟକର ହୋଇପଡ଼ିଛି। ଫଳରେ ପ୍ରେମ ପାଇଁ ଘଣ୍ଟୁଛି ଅନେକ ଅଘଟଣ। ପ୍ରେମ ପାଇଁ କେଉଁଠି ଯୁବକ ଆତ୍ମହତ୍ୟା କରୁଛି ତ କେଉଁଠି ଯୁବତୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରୁଛି। ଅନେକ କ୍ଷେତ୍ରରେ ପ୍ରେମରେ ବିଫଳ ହୋଇ ଉଭୟ ପ୍ରେମୀଯୁଗଳ ଏକାଠି ଆତ୍ମହତ୍ୟା କରୁଥିବା ଅନେକ ନିଜର ରହିଛି। ପୌରାଣିକ ଯୁଗରେ ମଧ୍ୟ ପ୍ରେମକୁ ନେଇ ଅନେକ ଦୃଷ୍ଟାନ୍ତ ରହିଛି। ପୁରାଣରେ ରାଧାକୃଷ୍ଣଙ୍କ ପ୍ରେମକୁ ସବୁଠାରୁ ଶ୍ରେଷ୍ଠତମ ପ୍ରେମ ରୂପେ ପ୍ରତିପାଦନ କରାଯାଇଛି। ରାଧାକୃଷ୍ଣଙ୍କ ପ୍ରେମକୁ ଆତ୍ମା ସହିତ ପରମାତ୍ମାର ମିଳନ ବୋଲି ବିବେଚନା କରାଯାଏ। ଯୁବକଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ କେଉଁ ଅନାଦି କାଳରୁ ରହିଆସିଛି। ସାଧାରଣତଃ ହାଇସ୍କୁଲ୍‌ରେ ପାଠ ପଢିବା ସମୟରୁ ହିଁ ଯୁବକ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥାଏ। ମୋବାଇଲ ବ୍ୟବହାର ପୂର୍ବରୁ ପ୍ରେମୀଯୁଗଳମାନେ ଚିଠି ମାଧ୍ୟମରେ ସେମାନଙ୍କ ପ୍ରେମକୁ ଦୃଢୀଭୂତ କରୁଥିଲେ। ପାଠ ପଢିବା ବୟସରେ ପାଖରେ ପଇସା ନଥିବାରୁ, କିଛି ଗୋଟେ ବାହାନା କରି ବାପାଙ୍କ ଠାରୁ ପଇସା ଆଣି  ପୋଷ୍ଟକାର୍ଡ଼ ବା ଲଫାଫା କିଣି ପ୍ରେମଚିଠି ଲେଖିବା ଥିଲା ଏକ ନିଆରା ଅନୁଭୂତି। ଏହି ପ୍ରେମ କେତେକ କ୍ଷେତ୍ରରେ ବିବାହ ରୂପ ନେଉଥିବା ବେଳେ ଆଉ କେତେକ କ୍ଷେତ୍ରରେ ବାଧାସୃଷ୍ଟି ହୋଇଥାଏ। ଏବେ ପ୍ରେମିକ, ପ୍ରେମିକା ପ୍ରତିଦିନ ବିଭିନ୍ନ ପାର୍କ, ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ୍ ହୋଟେଲ ବୁଲି ମଉଜ ମଜ୍‌ଲିସ୍ ରହୁଛନ୍ତି ଓ ଅନେକ ସମୟରେ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏବେ ରାଜଧାନୀର ଶହ ଶହ ସଂଖ୍ୟାରେ ପ୍ରେମୀଯୁଗଳ ସହରସାରା ଘୂରି ବୁଲୁଛନ୍ତି ଏବଂ ସର୍ବସାଧାରଣ ସ୍ଥାନରେ ଏଭଳି ଅସଂଯତ ଅବସ୍ଥାରେ ରହୁଛନ୍ତି, ସେହି ବାଟ ଦେଇ ଯିବାକୁ ସାଧାରଣ ଲୋକେ ନିଜକୁ ସଙ୍କୋଚ ମନେ କରୁଛନ୍ତି। ପ୍ରେମ ପାଇଁ ଘଟୁଛି ହିଂସାକାଣ୍ଡ, ପ୍ରେମ ପାଇଁ ଗଡୁଛି ଅନେକ ମୁଣ୍ଡ। ପ୍ରେମରେ ଧୋକ୍କା ହେଉ ଅବା  ତ୍ରିକୋଣୀୟ ପ୍ରେମ ହେଉ, ପ୍ରେମ ପାଇଁ ଗଡୁଛି ମୁଣ୍ଡ, ଆତ୍ମହତ୍ୟା କରୁଛନ୍ତି ଅନେକ ପ୍ରେମୀଯୁଗଳ। ଏଥିପାଇଁ ଅନେକ କାରଣ ଅଛି। ପ୍ରଥମତଃ ପ୍ରେମୀଯୁଗଳଙ୍କ ମଧ୍ୟରେ ବୁଝାମଣାର ଅଭାବ ବା ସନ୍ଦେହ ଉପୁଜିଲେ ଉଭୟଙ୍କ ମଧ୍ୟରେ ମନାନ୍ତର ଓ ମତାନ୍ତର ଘଟି ଆତ୍ମହତ୍ୟାର ପନ୍ଥା ଆପଣାଇଥାନ୍ତି। ଦ୍ୱିତୀୟତଃ ପ୍ରେମ କରିବାଟା ପାପ ନୁହେଁ, ଏଥିପାଇଁ ଉଭୟ ଯୁବକ ଯୁବତୀ ନିଜ ପିତାମାତାଙ୍କ ପରାମର୍ଶ ନେବା ଜରୁରୀ। କାରଣ ଯୁବକ ଯୁବତୀ ପ୍ରେମ କରୁଥିଲେ ମଧ୍ୟ ଅନେକ ସମୟରେ ଉଭୟଙ୍କ ଘରର ବିରୋଧ ଯୋଗୁ ସେମାନଙ୍କ ପ୍ରେମରେ ଭଙ୍ଗା ପଡ଼ିଥାଏ। ଶେଷରେ ଉଭୟ ଆତ୍ମହତ୍ୟାର ପନ୍ଥାକୁ ଆପଣାଇଥାନ୍ତି। ତୃତୀୟତଃ ଜାତିଭେଦକୁ ନେଇ ଅନେକ ସମୟରେ ପ୍ରେମରେ ବାଧା ସୃଷ୍ଟି ହୋଇଥାଏ। ପ୍ରେମୀଯୁଗଳ ଯଦି ଉଚ୍ଚ ଓ ନୀଚ ଜାତିର ହୋଥାନ୍ତି, ତେବେ ଏଥିରେ ବିରାଟ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ। ଫଳରେ ଉଭୟଙ୍କ ପରିବାର ତଥା ବନ୍ଧୁ ଓ ପରିଜନଙ୍କ ପକ୍ଷରୁ ଏହି ପ୍ରେମକୁ ସ୍ୱୀକୃତି ନ ମିଳିବାରୁ ଏଥିରେ ମ୍ରିୟମାଣ ହୋଇ ଅନେକ ଯୁବକ ଯୁବତୀ ଆତ୍ମହତ୍ୟା କରିଥାନ୍ତି। ସେହିପରି ଧନୀ ଓ ଗରିବର ପାର୍ଥକ୍ୟ ମଧ୍ୟ ଅନ୍ୟତମ କାରଣ। ଯଦି ଝିଅ ଧନୀଘରର ଏବଂ ପୁଅ ଗରିବ ଘରର କିମ୍ବା ପୁଅ ଧନୀ ଘରର ଏବଂ ଝିଅ ଗରିବ ଘରର ହୋଇଥାଏ, ତେବେ ଏଥି ଯୋଗୁଁ ମଧ୍ୟ ପ୍ରେମରେ ବାଧା ଉପୁଜେ ଏବଂ ଦୁଇ ପରିବାର ମଧ୍ୟରେ ମତାନ୍ତର ଓ ମନାନ୍ତର





ଘରି ଏଭଳି ପ୍ରେମକୁ ସ୍ୱୀକୃତି ଦିଅନ୍ତି ନାହିଁ। ଶେଷରେ କୌଣସି ଉପାୟ ନପାଇ ଆତ୍ମହତ୍ୟା ଭଳି ପନ୍ଥାକୁ ଆପଣାଇଥାନ୍ତି। ନିକଟରେ ଯୁବ ମଡ଼େଲର ତଥା ବ୍ୟବସାୟୀ ସୌମ୍ୟରଞ୍ଜନ ପାଣିଗ୍ରାହୀ ତାଙ୍କ ପ୍ରେକିମାଠୁ ଧୋକା ଖାଇ ଶେଷରେ ଆତ୍ମହତ୍ୟା କରିଥିଲେ।

ପ୍ରେମ ପାଇଁ ୨୦୨୧ରେ ରାଜଧାନୀରେ ୨୭୭ଟି ଆତ୍ମହତ୍ୟା ଘଟିଥିଲା। ସେଥିମଧ୍ୟରୁ ୧୯୦ ଜଣ ପୁରୁଷ ଥିଲାବେଳେ ୭୮ ଜଣ ମହିଳା ଆତ୍ମହତ୍ୟା କରିଥିଲେ। ଏମାନଙ୍କ ମଧ୍ୟରେ କେବଳ ଖଣ୍ଡଗିରୀ ଅଞ୍ଚଳରେ ସର୍ବାଧିକ ୬୮ ଜଣ ଆତ୍ମହତ୍ୟା କରିଥିଲେ। ସେହିପରି ୨୦୧୬ରେ ରାଜ୍ୟରେ ମୋଟ ୩୪୨ ଜଣ ଆତ୍ମହତ୍ୟା କରିଥିବା ବେଳେ ୨୦୧୭ରେ ୨୩୮ଜଣ, ୨୦୧୮ରେ ୨୪୨ଜଣ, ୨୦୧୯ରେ ୧୭୨ଜଣ, ୨୦୨୦ରେ ୨୫୦ ଜଣ ଓ ୨୦୨୧ରେ ୩୦୦ଜଣ ଆତ୍ମହତ୍ୟା କରିଥିବା ଏକ ତଥ୍ୟରୁ ଜଣାପଡ଼ିଛି। ସେହିପରି ପ୍ରେମଜନିତ ହତ୍ୟା ମଧ୍ୟ ବର୍ଷକୁ ବର୍ଷ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ପ୍ରେମକରି ବିବାହ କରିଥିବା ଅନେକ ଦମ୍ପତ୍ତି କିଛି ବର୍ଷରେ ହସିଖୁସିରେ କଟିବା ପରେ ପରବର୍ତ୍ତୀ ସମୟରେ ପାରିବାରିକ କଳହକୁ ନେଇ ସେମାନଙ୍କ ମଧ୍ୟରେ ସମ୍ପର୍କ ତିକ୍ତତା ହୁଏ। ଫଳରେ ସେମାନଙ୍କ ମଧ୍ୟରେ ଅନେକ ଆତ୍ମହତ୍ୟା କରୁଥିବା ବେଳେ ଆଉ କେତେଜଣଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଥାଏ। ତେଣୁ ଏହିସବୁ ଜଟିଳ ସମସ୍ୟାର ସମାଧାନ ହୋଇପାରିବ ଯଦି ପ୍ରେମିକ ଓ ପ୍ରେମିକାଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଏବଂ ଉଭୟ ପରିବାରର ସହମତିରେ ହୁଏ, ତେବେ ସାରା ଜୀବନ ପ୍ରେମ ଚିରନ୍ତନ ଓ ଅତୁଟ ରହିବ, ପ୍ରେମ ଜନିତ ଆତ୍ମହତ୍ୟା ଆପେ ଆପେ ଲୋପ ପାଇବ, ଏଥିରେ ଦ୍ୱିମତ ହେବାର ନାହିଁ।

ବର୍ତ୍ତମାନ ସମୟରେ ଯୁବକ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଚିରସ୍ଥାୟୀ ହୋଇପାରୁ ନାହିଁ। କେତେକ କ୍ଷେତ୍ରରେ ପରିବାରର ଅନିଚ୍ଛା ସତ୍ତ୍ୱେ ପ୍ରେମ ବିବାହର ରୂପ ନେଇଥାଏ କିନ୍ତୁ ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ମତାନ୍ତର ଓ ମନାନ୍ତର ଘଟି ତାହା ଛଡ଼ପତ୍ରର ରୂପ ନେଇଥାଏ। ଫଳରେ ସେମାନଙ୍କ ଦାମ୍ପତ୍ୟ ଜୀବନ ଦୁର୍ବିସହ ହୋଇପଡ଼ିଥାଏ।

ଆମ ସମାଜରେ ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ରଖିବା ପାଇଁ ଅନୁମତି ଦିଆଯାଇନାହିଁ। କାରଣ ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ରଖିବା ଏକ ଧର୍ତ୍ତବ୍ୟ ଅପରାଧ। ଆମ ସମାଜ ଏଭଳି ସମ୍ପର୍କକୁ ଏକ ଘୃଣ୍ୟ ଦୃଷ୍ଟିରେ ଦେଖେ। କିନ୍ତୁ ବର୍ତ୍ତମାନ ସମାଜରେ ଯୁବକ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଲେ, ସେମାନେ ପ୍ରଥମେ ଶରୀରିକ ସମ୍ପର୍କ ରଖିବାକୁ ବ୍ୟଗ୍ର ହୋଇଉଠନ୍ତି। ଫଳରେ ବିବାହ ପୂର୍ବରୁ ଅନେକ ଯୁବତୀ କୁମାରୀ ମାତୃତ୍ୱ ଲାଭ କରି ସମାଜର କଳଙ୍କକୁ ମୁଣ୍ଡାଇଥାଏ। ସମାଜ ତାକୁ କଳଙ୍କିନୀର ଆଖ୍ୟା ଦେଇଥାଏ। ସେହିପରି ପ୍ରେମ ପୂର୍ବର ଶାରୀରିକ ସମ୍ପର୍କ ରଖିବା ଦ୍ୱାରା ଅନେକ ଯୁବତୀ ଗର୍ଭବତୀ ହୋଇଥାନ୍ତି ଏବଂ ଲୋକଲଜ୍ଜା ଓ ଅପବାଦରୁ ମୁକୁଳିବା ପାଇଁ ନିଜର ଗର୍ଭ ନଷ୍ଟ କରି ଆଉ ଏକ ଅପରାଧକୁ ମୁଣ୍ଡାଇଥାନ୍ତି।

ବର୍ତ୍ତମାନ ଆଧୁନିକ ଯୁଗରେ ପ୍ରେମର ସଂଜ୍ଞା ସମ୍ପୂର୍ଣ୍ଣ ବଦଳି ଯାଇଛି। ପ୍ରେମ ଆଉ ଶାଶ୍ୱତ ଓ ଚିରନ୍ତନ ମଧ୍ୟରେ ସୀମିତ ହୋଇ ରହିନାହିଁ, ପ୍ରେମ ଏକ ଉପଭୋଗ୍ୟ ବସ୍ତୁରେ ପରିଣତ ହୋଇଛି। ଦେହ ଓ ଦାହ ପ୍ରବଣ ପ୍ରେମ ମଣିଷ ସମାଜକୁ ସମ୍ପୂର୍ଣ୍ଣ କବଳିତ କରିସାରିଛି। ଏବେ ପ୍ରେମ ଦିବସକୁ ଭିନ୍ନ ଢଙ୍ଗରେ ପାଳନ କରାଯାଉଛି। ପ୍ରେମର ସଂଜ୍ଞା ବଦଳି ଯାଇଛି, ପ୍ରେମର ପରିଭାଷାରେ ପରିବର୍ତ୍ତନ ଘଟିଛି। ପ୍ରେମ ଚିରନ୍ତନ, ସତ୍ୟ, ସୁନ୍ଦର ଓ ଶାଶ୍ୱତ ବଦଳରେ ଏବେ ପ୍ରେମ ଏକ ଉପଭୋଗ୍ୟ ବସ୍ତୁରେ ପରିଣତ ହୋଇଛି। ପ୍ରେମ ଦିବସ ବଦଳରେ

# ଭାଲେନ୍‌ଟାଇନ ଡେ' ବନାମ ଆମ ପରମ୍ପରା

*'ଆସ, ଗହଳିରେ ନବସି କୋଉଠି ନିରୋଳାରେ ଏକାଠି ବସିବା,*
*ଯୋଉଠି ତୁମେ କେବଳ ତୁମେ ଥିବ ଏବଂ ମୁଁ କେବଳ ମୁଁ ଥିବି*
*ଅଥଚ ଆମେ କେହି ଏକା ଏକା ନଥିବା*
*ଯିଏ ଯାହା ଭାବିଲେ ବି ଆମେ ଚୁପ୍‌ଥିବା...।"*
***—କବିତା; ମୁହଁ ସଞ୍ଜବେଳର ଗପ।***

ଉପରୋକ୍ତ ପଙ୍‌କ୍ତିଟିର ଶ୍ଳେଷାତ୍ମକ ଅର୍ଥ ଥିଲେବି ଏହାର ଗୋଟିଏ ଅର୍ଥ ହେଉଛି ପ୍ରେମ ସଂପର୍କିତ କାହାଣୀ ଯେଉଁଠି ପ୍ରେମୀ ଯୁଗଳ ନିରୋଳାରେ ଓ ଏକାନ୍ତରେ ପରସ୍ପରର ସାନ୍ନିଧ ଲୋଡ଼ିଥା'ନ୍ତି। ଏହା ଏକ ଭୋକ ଯେଉଁଥିରେ ପେଟର ଭୋକଠୁ ମନ ଓ ଦେହର ଭୋକ ଅଧିକ, ଯେଉଁଥିପାଇଁ ନାନା ଶିହରଣ, ଉନ୍ମାଦ ଓ ଆବେଗ ଥାଏ।

***"ଯେଉଁଠି ହାରିଛି ବୟସ ହାରିଅଛି ଜାତି-ଧର୍ମ-ବର୍ଣ୍ଣ / ଖାଲି ଯାହା ହୃଦ ଦିଆନିଆ ପ୍ରେମ ଏକା ତା'ର ଅନ୍ୟନାମ।।***

**** * * ****

***ଯେଉଁଠି ମନ ଚରିତାର୍ଥ ଦେହ ଭୋଗେ ଥାଏ ମିଳନ ମଧୁର ବେଳ/ଏଣୁକରି ସିନା ଅପେକ୍ଷାରେ***
***ଏଠି ବହି ଯାଉଥାଏ କାଳ।।" -କବିତା : ପ୍ରେମ ତା'ର ଅନ୍ୟନାମ।***

ଏହିପରି ଏକ ଅନ୍ତର୍ଜାତିକ ଦିବସ ଫେବୃୟାରୀ ୧୪ ଯାହାକୁ ପ୍ରେମୀ ଯୁଗଳ ଅପେକ୍ଷା କରିଥାନ୍ତି। ଏହି ଦିବସଟିର ନାମ ଭାଲେଣ୍ଟାଇନ୍ ଡେ' ବା  ଦିବସ ଯାହାକୁ ଉଦ୍‌ବିଗ୍ନତାର ସହ ପାଳନ କରାଯାଏ। ସେହିପ୍ରେମୀ ଯୁଗଳମାନଙ୍କ ଦ୍ୱାରା। ଏହି ଦିବସଟି ପ୍ରେମ ଦିବସ ରୂପେ ଯଦିଓ ଯୁବପିଢ଼ୀମାନେ ମନ ଓ ହୃଦୟଦେଇ ଏହାକୁ ଉପଭୋଗ କରନ୍ତି, ଏଥିରୁ ବୟସ୍କମାନେ ବି ବାଦ୍ ଯାଆନ୍ତି ନାହିଁ। କାରଣ ସେମାନେ ପାରିବାରିକ ଦାମ୍ପତ୍ୟ ଜୀବନ ଭିତରେ ଥିଲେବି ଭିନ୍ନ ଉପଭୋଗ ପାଇଁ ଲାଳାୟିତ।

ପୁନଶ୍ଚ ମନ ଯେହେତୁ ଦ୍ୱିତୀୟ ଈଶ୍ୱର, ସେ ତ' ଚିରନ୍ତନ। ଚିରଚଞ୍ଚଳ। ମନ ଯାହା ଚାହେଁ ସେଥିପାଇଁ ତା'ର ଦୌଡ଼ ଚାଲିଥାଏ। କବିର ଭାଷାରେ : ମନ ପାଇଁ ନାହିଁ ପଘା, ଇଚ୍ଛିଲା ତାଳକୁ ବାସିବାକୁ ଧାଏଁ, ଯେତେବି ଲଗାମ ଲଗା।। ପ୍ରେମ ଯୁଗେ ଯୁଗେ ମଧୁର ଏବଂ ସ୍ୱର୍ଗୀୟ। ଏଣୁ ଏଥିପାଇଁ ସମସ୍ତେ ବ୍ୟାକୁଳ। ଏମିତି ଜଣେ ନାହିଁ ଯିଏ କାହାକୁ ଭଲପାଇ ଶିଖିନାହିଁ। ସେକସ୍‌ପିଅର କହିଥିଲେ : ଯଦି କେହି କାହାକୁ ଭଲ ପାଇନାହିଁ ବା ଭଲ ପାଏ ନାହିଁ ପ୍ରମାଣ କରିଦେବ, ମୁଁ କଲମ ଛାଡ଼ିଦେବି।

ଯାହା ସଚ୍ଚାପ୍ରେମ, ସେ କ୍ଷେତ୍ରରେ ପ୍ରେମୀଯୁଗଳ ଯେ କୌଣସି ପରିସ୍ଥିତିକୁ ସାମନା କରିବାକୁ ପ୍ରସ୍ତୁତ ଥାଆନ୍ତି। ଏମିତିକି ମୃତ୍ୟୁକୁ ବି ଆନନ୍ଦର ସହିତ ଆଲିଙ୍ଗନ କରିଥାନ୍ତି। ଏ ପ୍ରେମରେ ଦୈହିକ ସଂପର୍କ ଅପେକ୍ଷା ମନ ଓ ହୃଦୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ।

ଏବେ ବିଚାରିବା ଭାଲେଣ୍ଟାଇନ୍ ଦିବସ କ'ଣ। ସତରେ ଏହା ଏକ ପ୍ରେମ ଦିବସ? ଯଦି ଏହା ସତ୍ୟ, ତାହା କି ପ୍ରକାର ପ୍ରେମ ଦିବସ? କ'ଣ ଖାଲି ଦେହ ଭୋଗ, ଯାଯାବରୀ ସଂପର୍କ ନା' ଆଉକିଛି।

ରୋମ ସମ୍ରାଟ କ୍ଲାଇଡ଼ିସ୍ ସୈନିକମାନଙ୍କ ବିବାହ ଉପରେ ଏକ ନିଷେଧାଜ୍ଞା ଜାରି କରିଥିଲେ ଯେ ସେମାନେ ବିବାହ କରିପାରିବେ ନାହିଁ। ଯଦି କରନ୍ତି ବିବାହ ଜନିତ ବୀର୍ଯ୍ୟକ୍ଷୟ ହେତୁ ସେମାନେ ଦୁର୍ବଳ ହୋଇଯିବେ।



ତାଙ୍କର ଏକଥା ଖାଲି ସୈନିକମାନଙ୍କୁ ବାଧି ନଥିଲା, ସେମାନଙ୍କର ଜଣେ ଶୁଭ ଚିନ୍ତକ ଭାଲେଣ୍ଟାଇନ୍‌କୁ ବାଧିଥିଲା। ସେ ଗୁପ୍ତରେ ଏ ସୈନିକମାନଙ୍କୁ ବିବାହ କରାଇ ଦେଉଥିଲେ। ଏକଥା ସମ୍ରାଟ ଜାଣିଲେ ଏବଂ ତାଙ୍କୁ ବନ୍ଦୀ କଲେ ଓ ପରେ ଫାଶୀ ଦେଲେ। ଏହାର ଅନେକ ଦିନପରେ ସ୍ୱୀକାର କରାଗଲା ଯେ ସେ ଯାହା କରୁଥିଲେ, ମଙ୍ଗଳ କରୁଥିଲେ। ତାଙ୍କ ପ୍ରତି ଏହା ଏକ ବଡ଼ ଅପରାଧ କରାଯାଇଛି। ଏହା ଅନୁତାପ କରାଗଲା ଏବଂ ତାଙ୍କୁ ଜଣେ ସେଣ୍ଟ ବା ସନ୍ଥବୋଲି ଘୋଷଣା କରାଗଲା। ତେବେ ଯେଉଁଦିନ ତାଙ୍କୁ ଫାଶୀ ଦିଆଗଲା, ତାହାଥିଲା ୧୪ ଫେବୃୟାରୀ। ଏହି ଦିବସଟି ତାଙ୍କ ପାଇଁ ଏକ ସମ୍ମାନର ଦିବସ। ଯେହେତୁ ସେ ଯୁବପିଢ଼ୀଙ୍କ ବଂଚିତ ଦେହର ଭୋକର ଚରିତାର୍ଥ ପାଇଁ ବଳିରେ ଚଢ଼ିଥିଲେ ଯୁବଗୋଷ୍ଠୀ ଗଭୀର ଭାବରେ ତାଙ୍କ ଶ୍ରଦ୍ଧା ସୁମନଜ୍ଞାପନ କରିବା କଥା ଏବଂ ପରସ୍ପର ପ୍ରତି ଫୁଲ, କୌଣସି ବସ୍ତୁ ଅଥବା ଅଭିନନ୍ଦନ ପତ୍ରଦ୍ୱାରା ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା କଥା; କିନ୍ତୁ ନିଜ ନିଜ ଭିତରେ କୌଣସି ଉଶୃଙ୍ଖଳିତ ସାମାଜିକ / ଚରିତ୍ରନୀକ ପ୍ରେମରେ ମାତି ରହି ନୁହେଁ। ଏକଥା କରିବା ପାଇଁ ଏ ଦିବସ ନିମନ୍ତେ ସେମିତି କିଛି ଲିପିବଦ୍ଧ ନାହିଁ।

ସେତେବେଳେ ରୋମର ସୈନିକମାନେ ଗୋଟେ ଗୋଷ୍ଠୀ ଥିଲେ। ସେମାନେ ବିଶ୍ୱକୁ ପ୍ରତିନିଧିତ୍ୱ କରୁନଥିଲେ। କାରଣ ଅନ୍ୟତ୍ର ସୈନ୍ୟମାନେ ବିବାହରୁ ବଂଚିତ ନଥିଲେ। ଯେଉଁ ଦେଶ ପାଇଁ ଯାହା ଉଦ୍ଦିଷ୍ଟ, ସେମାନେ ତାକୁ ଯେମିତି ପାଳନ କରୁଛନ୍ତି, କରନ୍ତୁ। ଭାରତର ଅଗଷ୍ଟ ପନ୍ଦରକୁ ଅଭାରତୀୟ ପାଳିବେ କିଆଁ? ଯାହା ମୋ ସଭ୍ୟତା, ପରମ୍ପରା ଓ ଚାଲିଚଳନ ନୁହେଁ, ତାକୁ ଅନ୍ଧ ଅନୁକରଣ କରିବା ବୋକାମି ନୁହେଁକି? ଭାରତୀୟ ସଭ୍ୟତା ମହାନ୍, ଭାରତ ମହାନ୍। ଏହାକୁ ଅନ୍ୟମାନେ ଅନୁକରଣ କରନ୍ତି। କଥାରେ ଅଛି : ଯାହା ନାହିଁ ଭାରତେ ତାହା ନାହିଁ ଭାରତେ। ଅର୍ଥାତ୍ ଭାରତରେ ଯୋଉ ଆଦର୍ଶ କି ଅନ୍ୟକିଛି ନାହିଁ, ତାହା ପୃଥିବୀରେ ନାହିଁ।

ଭାଲେଣ୍ଟାଇନ୍ ଦିବସ ବର୍ତ୍ତମାନ ସଚରାଚର ହଡ଼ା ମାତିବା ନ୍ୟାୟରେ ଯେମିତି ଚାଲିଛି, ଏହାର କୌଣସି ଆଦର୍ଶଗତ ପ୍ରମାଣ ନାହିଁ। ଏହା ଏକ ପ୍ରଦ୍ୟୁଷିତ ପରମ୍ପରା ବିଶେଷକରି ଆମ ଭାରତୀୟ ଯୁବପିଢ଼ୀମାନେ ଏହାକୁ ସ୍ୱାଗତ କରିପାରନ୍ତି। ହେଲେ ସେମାନେ କ'ଣ ଭାଲେଣ୍ଟାଇନ୍  ଦିବସ ପାଳନ ଅବସରେ ଆମ୍ଭମାନଙ୍କର ପ୍ରେମର ପ୍ରତୀକ ପୃଥ୍ୱୀରାଜ - ସଂଯୁକ୍ତା, କେଦାର-ଗୌର, ଜାହାଙ୍ଗୀର-ନୂରଜାହାନ୍, ଶାହାଜାହାନ-ମମତାଜ', ରାଧା-କୃଷ୍ଣ, ଲୈଲା-ମଜୁନୁ ହୋଇପାରିବେ? ଗଢ଼ିପାରିବେ ପ୍ରେମର କୋଣାର୍କ।

ଆସ ଆମ ଭିତରେ ଆମେ ବଂଚିବା। ଆମଠୁ ଅନ୍ୟମାନେ ଶିଖନ୍ତୁ। ଅନ୍ୟପକ୍ଷରେ ଯଦି ଏ ଦିବସଟି ଆମେ ପାଳିବାକୁ ଇଚ୍ଛା କରୁଛେ, ଏହା ପିତୃମାତୃ ପୂଜନ ଦିବସ ହେଉ। କାରଣ ସେମାନଙ୍କ ପ୍ରତି ଆମର ଅବହେଳା ମୁଣ୍ଡ ଟେକିଲାଣି।

ପୁଣି ପ୍ରଶ୍ନ ଉଠେ, ଆମର ଯେଉଁଠି ପ୍ରେମର ଦିବସ ଅଛି, ପୁଣି କାହିଁକି? ଆମକୁ ଛାଡ଼ି ଆମେ ଅନ୍ୟକୁ ଆପଣେଇବୁ କିଆଁ? ଆମର ଯମୁନା ଅଛି, ଆମେ ସାଗର ସୈକତ ଯିବୁ କିଆଁ? ଆମର ତମାଳ ବା କଦମ୍ବ ଅଛି; ଆମେ ଲଜ ବା ପାର୍କ ଯିବୁ କିଆଁ। ଯେଉଁଠି ପ୍ରକୃତି ଆମ ପାଇଁ ଛିଡ଼ା ହୋଇଛି, ଆମେ କୃତ୍ରିମକୁ ଦୌଡ଼ିବୁ କିଆଁ? ଆମ ପାଇଁ ଆମ ପ୍ରେମୋତ୍ସବ ହୋଲି ବା ବସନ୍ତୋତ୍ସବ ଅପେକ୍ଷା କରିଛି; ଆସୁନ ଏହାକୁ ମନଭରି ଉପଭୋଗ କରିବା।

ଜାଣ ଯେ ଆମ ପରମ୍ପରାକୁ ଅନ୍ୟମାନେ ଅନୁକରଣ କରୁଛନ୍ତି। ଏହାତ ଅନୁକରଣୀୟ ଏବଂ ଗ୍ରହଣୀୟ ।

ମାନୁଛୁ, ବର୍ତ୍ତମାନର ପଥଭ୍ରଷ୍ଟ ଯୁବଗୋଷ୍ଠୀଙ୍କୁ ଆମେ ଯେତେ ବୁଝାଇଲେ, ସେମାନେ ବୁଝିବେ ନାହିଁ। ତଥାପି ଗୋଟିଏ କାହାଣୀ କହି ଏ ଆଲୋଚନା ଏଇଠି ରଖୁଛି:

ପୁରୀରେ ଯାତ୍ରୀ ବ୍ୟବସାୟୀ କରି ପଢ଼ିଲା ବେଳେ, ମୁଁ ବିଦେଶୀ ପର୍ଯ୍ୟଟକମାନଙ୍କର ପଥ ପ୍ରଦର୍ଶକ ବା ଗାଇଡ଼ ଥିଲି। ଏକଦା ଦୁଇଜଣ ଆମେରୀକୀୟ ଅଧ୍ୟାପକ ଓ ଅଧ୍ୟାପିକା ମୋ  ହାବୁଡ଼େ ପଡ଼ିଲେ। ମୁଁ ତାଙ୍କ ସହିତ ସାତଦିନଥିଲି। ଶେଷ ଦିନ ଦେଖିଲି ଯେ ସେ ଅଧ୍ୟାପିକା ଶାଢ଼ୀ ଏବଂ ଅଧ୍ୟାପକ ଧୋତି ପଞ୍ଜାବୀ ପିନ୍ଧିଛନ୍ତି। ମୋତେ ଆଶ୍ଚର୍ଯ୍ୟ ଲାଗିଲା। ପଚାରିଲି : ଆପଣ ଆମ ପୋଷାକରେ!

ସେ କହିଲେ : ଓଡ଼ିଶାର ପାଣିପାବନ ଏବଂ ସାଂସାରିକ ସାମାଜିକ ଜୀବନ ଆମକୁ ଭଲ ଲାଗିଛି। ଆମେ ବହୁତ କଥା ଶିଖିଛୁ ଏବଂ ନିଷ୍ପତି ନେଇଛୁ...।

'କ'ଣ ନିଷ୍ପତି ନେଇଛନ୍ତି?'

'ଏ ଅଧ୍ୟାପିକା ମୋର ୧୩ ନମ୍ବର ସ୍ତ୍ରୀ, ମୁଁ ତାଙ୍କ ୧୪ ନମ୍ବର ସ୍ୱାମୀ। ଭାବିଛୁ : ଆମେ ଭାରତୀୟମାନଙ୍କପରି ଅବଶିଷ୍ଟ ଜୀବନ ସ୍ୱାମୀ ସ୍ତ୍ରୀ ହୋଇ ବଂଚିବୁ। ଭାରତୀୟ ସାଂସାରିକ ଦାମ୍ପତ୍ୟ ଜୀବନ ବହୁତ ମଧୁର। ଭାରତ ମହାନ୍। ଏଥିରୁ କ'ଣ କିଛି ଶିଖିବାର ନାହିଁ।

ସତରେ ଭାରତ ମହାନ୍। ଆମ ସଂସ୍କୃତି ଓ ପରମ୍ପରା ମହାନ୍। ଆସ ଆମେ ଆମର ଭିତରେ ବଂଚିବା। ହଂସପରି କାହାଠୁ କ୍ଷୀରକୁ ଗ୍ରହଣ କରିବା ପାଣି ନୁହେଁ।

# ସାମ୍ୟବାଦର ପ୍ରତିଷ୍ଠାତା ସ୍ୱର୍ଗତଃ ପ୍ରାଣନାଥ ପଟ୍ଟନାୟକ

ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସ୍ୱାଧୀନତା ସଂଗ୍ରାମୀ ଭାବରେ ପ୍ରାଣନାଥ ନିଜକୁ ପ୍ରତିଷ୍ଠିତ କରିଥିଲେ। ପ୍ରାଣନାଥ ରେଭେନ୍ସା କଲେଜରେ ବିଜ୍ଞାନର ସ୍ନାତକ ଶ୍ରେଣୀରେ ସେ ପଢୁଥାଆନ୍ତି। ସ୍ୱାଧୀନତା ସଂଗ୍ରାମରେ ସତ୍ୟାଗ୍ରହିଟିଏ ହେବା ପାଇଁ ଆହ୍ୱାନ ଆସିଲା - ଶପଥ ଓ ସଂକଳ୍ପ ପାଇଁ ପ୍ରତିଶ୍ରୁତିବଦ୍ଧ ହେବାକୁ ପଡ଼ିବ। ସନ୍ୟାସୀର ଗେରୁଆ ବସ୍ତ୍ର ପିନ୍ଧି ଏଥିପାଇଁ ଶପଥ ନେଇଥିଲେ। ପାଠ ଛାଡ଼ି ଦେଲେ, ପାଠରେ ଡୋରି ବାନ୍ଧିଦେଲେ। ପଛକୁ ଫେରିବାର ସମୟ ନାହିଁ। ତାଙ୍କ ଜୀବନତ ମାତ୍ର ୬୫ ବର୍ଷରେ ସୀମିତ। ସେଥିରୁ ବିଭିନ୍ନ ପର୍ଯ୍ୟାୟରେ ୧୩ ବର୍ଷ ଜେଲ୍‌ର ଝରିକାନ୍ଥ ଭିତରେ । ଅନେକ କାରଣ ପାଇଁ ବନ୍ଦୀ ହୋଇଛନ୍ତି। ଦେଶ ପାଇଁ ମେହନତି ମଣିଷର ସ୍ୱାର୍ଥ ପାଇଁ ବନ୍ଦୀ ହୋଇ ରହିଲେ କ୍ଷତି କ'ଣ? ନିଜ ଧର୍ମପତ୍ନୀ ଆଉ ପୁଅମାନେ ତାଙ୍କ ଅନୁପସ୍ଥିତିରେ ଅସହାୟ ହୋଇପଡ଼ିଛନ୍ତି। ସ୍ୱାମୀ ତଥା ବାପା ତଥା ପରିବାରରେ ମୁଖ୍ୟଙ୍କ ସ୍ନେହରୁ ସବୁ ସମୟରେ ବଂଚିତ ହୋଇଛନ୍ତି। ପୁଅ ଆମେରିକା ଯିବ! ଆଣବିକ କାର୍ଯ୍ୟକ୍ରମରେ ଯୋଗ ଦେଇ ଗବେଷଣା କରିବ। ଯିବା ପୂର୍ବରୁ ବାପାଙ୍କ ପାଦ ଛୁଇଁ ପ୍ରଣାମ କରିଯିବ। ବାପାଙ୍କୁ ଖୋଜି ଖୋଜି ପାଇଲା ନାହିଁ । କୃଷକମାନଙ୍କର ସ୍ୱାଧୀକାରକୁ ସାବ୍ୟସ୍ତ କରିବା ପାଇଁ ପାଦରେ ଝଲି ଝଲି ଗାଁକୁ ଗାଁ ବୁଲୁଛନ୍ତି। ଶେଷକୁ ବାପାଙ୍କ ସହିତ ଦେଖାହେଲା ଖୋର୍ଦ୍ଧାର ନିପଟ ମଫସଲ ଅଂଚଳର ଏକ ଗାଁ - ଗାଁ ଲୋକଙ୍କର ବାରଣ୍ଡାରେ ବସି ଚେପା ହୋଇଯାଇଥିବା ଥାଳିରେ ବଗଡ଼ା ଭାତ ଖାଉଛନ୍ତି! ପୁଅମାନେ କାନ୍ଦି ପକାଇଲେ । ସେଇ ଶପଥ ଶେଷ ପର୍ଯ୍ୟନ୍ତ ଏପରି ଜୀବନକୁ ଆଦରି ନେଇଛନ୍ତି। ସେଥିରୁ ବିଚ୍ୟୁତ ହେବେ ନାହିଁ । କେବେ ବି ଜୀବନରେ ସୁଖର ସ୍ୱାଦ ଅନୁଭବ କରିବାର ସୁଯୋଗ ନେଇନାହାନ୍ତି। ସଂଗ୍ରାମୀର ଜୀବନ - ସୁଖ ସ୍ୱାଚ୍ଛନ୍ଦ୍ୟରେ ଜୀବନ ବିତାଇବା ପାଇଁ ସୁଯୋଗ କାହିଁ? ବିଜ୍ଞାନର ସ୍ନାତକ ସିନା ହୋଇପାରିଲେ ନାହିଁ। କିନ୍ତୁ ପ୍ରଖ୍ୟାତ କାଶୀ ବିଦ୍ୟାପୀଠର ପ୍ରତିଷ୍ଠାତା ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କର ଛାତ୍ର । ଆମ ଦେଶର ପ୍ରିୟ ପ୍ରଧାନମନ୍ତ୍ରୀ ହୋଇଥିବା ଲାଲ ବାହାଦୂରଙ୍କ ସହପାଠୀ ଜବାହାରଲାଲଙ୍କ ସମୟରେ ତାଙ୍କର ଶ୍ରେଣୀରେ ପାଠ ପଢ଼ାଇଛନ୍ତି। ଜୀବନ ପାଇଁ ଅନେକ ଅଭିଜ୍ଞତା ଅର୍ଜନ କରି ଶାସ୍ତ୍ରୀ (ସ୍ନାତକ) ହୋଇ ଲେଉଟି ଆସିଛନ୍ତି । ସମାଜକୁ ସ୍ୱାଧୀନତା ସମାଜବାଦ ଓ ସାମ୍ୟବାଦର ସ୍ୱାଦର ଅନୁଭବ ଦେବା ପାଇଁ । ଏଥିପାଇଁ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରିଛନ୍ତି । ସ୍ୱର୍ଗତ ଲାଲବାହାଦୂର ପ୍ରଧାନମନ୍ତ୍ରୀ ହେଲା ପରେ ନୂଆଦିଲ୍ଲୀକୁ ଡକାଇଛନ୍ତି । ଦେଶର ନୀତି ସମ୍ବନ୍ଧରେ ହାର୍ଦ୍ଦିକ ଆଲୋଚନା ପାଇଁ । ନିମନ୍ତ୍ରଣ ଜଣାଇଛନ୍ତି । ଜବାହାରଲାଲ ଓଡ଼ିଶା ଗସ୍ତ କରିବା ସମୟରେ ଅତି ଆନ୍ତରିକତାର ସହିତ ପ୍ରାଣନାଥଙ୍କୁ ଡାକି ତାଙ୍କ ପାଖକୁ ଆସିବା ନିବେଦନ ଜଣାଇଛନ୍ତି । ଖୋର୍ଦ୍ଧା କଲେଜ ପ୍ରତିଷ୍ଠା ହେବା ସମୟରେ ନିଜେ ବ୍ୟକ୍ତିଗତ ଭାବରେ ଚିଠି ଲେଖି କଲେଜ ପାଇଁ ଓ ତାଙ୍କ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

ଖୋର୍ଦ୍ଧା କଲେଜ ତଥା ବର୍ତ୍ତମାନ ପ୍ରାଣନାଥ କଲେଜର କେବଳ ପ୍ରତିଷ୍ଠାତା ନଥିଲେ ବରଂ କଲେଜରେ ପଢୁଥିବା ସବୁ ଛାତ୍ରଛାତ୍ରୀଙ୍କ ବାପା, ମା', ଆଉ ଅଭିଭାବକ ହୋଇଥିଲେ । ପ୍ରତିଦିନ ସେମାନଙ୍କର ସୁଖଦୁଃଖ ଆସି ବୁଝୁଥିଲେ। ଛାତ୍ରଛାତ୍ରୀଙ୍କ ସବୁ କାର୍ଯ୍ୟକ୍ରମରେ ସେ ଅଗ୍ରଣୀ ଭୂମିକା ନେଉଥିଲେ । ଖେଳ ପଢ଼ିଆ ଉପଯୋଗୀ ହୋଇନାହିଁ । ଗୋଡ଼ି ଉଠାଯିବ, ମାଟି ପଡ଼ିବ ଓ ଘାସ ଲାଗିବ-୬୦ ଦଶକରେ କଲେଜ ପାଣ୍ଠିରୁ ୪ ହଜାର ଟଙ୍କା ମଞ୍ଜୁର କରିଥିଲେ । କଲେଜର ଅଧ୍ୟାପକ, ଅଧ୍ୟାପିକା, ଛାତ୍ର-ଛାତ୍ରୀଙ୍କର ଗୁଣାତ୍ମକ ବିକାଶ ପାଇଁ ବ୍ୟାକୁଳତା ପ୍ରକାଶ କରିଥିଲେ ।

ସ୍ୱରାଜ ପାଇଁ ଲଢ଼େଇ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ପୂରାପୂରି ଝାସ ଦେଇଥିଲେ । କଂଗ୍ରେସ ଦଳ ପକ୍ଷରୁ ନିର୍ବାଚନ ଲଢ଼ି ବିଧାୟକ ହୋଇଥିଲେ । କଂଗ୍ରେସ ଦଳରୁ ଇସ୍ତଫା ଦେଇ ପାରଳା ମହାରାଜାଙ୍କ ମନ୍ତ୍ରୀମଣ୍ଡଳରେ ଯୋଗଦେବା ପାଇଁ ରୋକଠୋକ୍ ମନା କରିଦେଇଥିଲେ । କଂଗ୍ରେସ ଦଳ ଭିତରେ ରହି କଂଗ୍ରେସ ସମାଜବାଦ ସଂଗଠନର ଦାୟିତ୍ୱ ନେଇଥିଲେ। ସ୍ୱର୍ଗତଃ ନବକୃଷ୍ଣ ଚୌଧୁରୀ ଆଉ ସ୍ୱର୍ଗତଃ ସୁରେନ୍ଦ୍ରନାଥ ଦ୍ୱିବେଦୀ ପ୍ରଭୃତି ତାଙ୍କର ସହକର୍ମୀ ଥିଲେ। ସେହି ପ୍ରାଣନାଥ ପୁଣି ମାର୍କ୍ସବାଦ ଦ୍ୱାରା ପ୍ରଭାବିତ ହୋଇଥିଲେ। ସାମ୍ୟବାଦ ପ୍ରତିଷ୍ଠାର ସ୍ୱପ୍ନ ତାଙ୍କୁ ବିଭୋର କଲା-ରାଜ୍ୟରେ ସାମ୍ୟବାଦ ଦଳ ପ୍ରତିଷ୍ଠାର ଅନ୍ୟତମ ବିଧାଣୀ ହେଲେ। ସ୍ୱର୍ଗତଃ ଭଗବତୀ ଚରଣ ପାଣିଗ୍ରାହୀ ଓ ସ୍ୱର୍ଗତଃ ଗୁରୁଚରଣ ପଟ୍ଟନାୟକଙ୍କର ସହଯୋଗୀ ହେଲେ। ସାମ୍ୟବାଦୀ ଦଳର ପ୍ରତିଷ୍ଠାତା ଭାବରେ ଇତିହାସ ସୃଷ୍ଟି କଲେ। ଗାନ୍ଧୀବାଦୀ ଲୋକଟିଏ ହୋଇ ସାମ୍ୟବାଦୀ ହେଲେ। ଗାନ୍ଧିଜୀ ସାମ୍ୟବାଦକୁ ପୂରାପୂରି ଗ୍ରହଣ କରି ନ ଥିଲେ ମଧ୍ୟ ସମାଜବାଦୀ ଥିଲେ। ପ୍ରାଣନାଥ ଏ ଦ୍ୱନ୍ଦ୍ୱରୁ ନିଜକୁ ଦୂରେଇ ରଖିଲେ। ଜାତି, ଦେଶ ଓ ସମାଜର ସ୍ୱାର୍ଥ ରକ୍ଷାକରି ସେ ତ' ସାମ୍ୟବାଦୀ ହୋଇପାରିବେ । ଗଣତନ୍ତ୍ର ଉପରେ ଭରସା ରଖି ନିର୍ବାଚନ ଲଢ଼ିପାରିବେ। ବିଧାନସଭାକୁ ନିର୍ବାଚିତ ହୋଇଥିବା ନଅଜଣ କମ୍ୟୁନିଷ୍ଟଙ୍କର ନେତୃତ୍ୱ ନେଇଥିଲେ। ତାଙ୍କ ପରେ ଏତେସଂଖ୍ୟକ ସ୍ଥାନ ଓଡ଼ିଶା ବିଧାନସଭାରେ କମ୍ୟୁନିଷ୍ଟମାନେ କେବେହେଲେ ଦଖଲ କରିପାରିନାହାନ୍ତି।

ପ୍ରଜାମଣ୍ଡଳ ଆନ୍ଦୋଳନ ପାଇଁ ନିଜକୁ ଏପରି ସମର୍ପିତ କରିଥିଲେ, ତାହା ଅନନ୍ୟ ଥିଲା। ରାଜ୍ୟରେ ଦେଶୀୟ ରାଜ୍ୟମାନଙ୍କରେ ଓଡ଼ିଶାର ଲୋକମାନେ କ'ଣ ସେମାନଙ୍କର ସ୍ୱାଧୀନତାକୁ ସାବ୍ୟସ୍ତ କରିପାରିବେ ନାହିଁ! ସବୁ ଗଡ଼ଜାତ ଅଂଚଳରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ସେହି ସମୟର କଥା, ରଣପୁରରେ ଇଂରେଜ ସରକାରଙ୍କ ପଲିଟିକାଲ୍ ଏଜେଂଟ୍

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ଜୁନ୍ ୧୩**

# ହେବିୱେଟ କନକବର୍ଦ୍ଧନ ରାଜସିଂହାସନରୁ ଉପମୁଖ୍ୟମନ୍ତ୍ରୀ

ଗଣତନ୍ତ୍ରର ଚମତ୍କାର। ଦଳରେ ପ୍ରିୟତା, ଅଭିଜ୍ଞତା ଓ ନିଜ ରାଜନୀତି ଜୀବନର ସାଂଗଠନିକ ଶକ୍ତି, ସ୍ୱଚ୍ଛତା ଓ କର୍ମମୟ ଜୀବନରେ ସାଧୁତା ତଥା ସଚ୍ଚୋଟତାକୁ ନେଇ ବେଶ ପରିଚିତ ଓଡ଼ିଶା ବିଜେପିର ବଡ଼ ଚେହେରା ତଥା ଅନୁଭବୀ, ଦକ୍ଷ କନକବର୍ଦ୍ଧନ ସିଂହଦେଓ ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଓଡ଼ିଶା ରାଜନୀତିରେ ଉପମୁଖ୍ୟମନ୍ତ୍ରୀ ବ୍ୟବସ୍ଥା ୨୫ ବର୍ଷ ପରେ ଆରମ୍ଭ ହୋଇଛି। ସର୍ବପ୍ରଥମେ ୧୯୭୨ରେ ଉତ୍କଳ କଂଗ୍ରେସର ନନ୍ଦିନୀ ଦେବୀଙ୍କ ସରକାରରେ ତତ୍କାଳୀନ ବାସୁଦେବପୁରର ବିଧାୟକ ନୀଳମଣି ରାଉତରାୟ ୧୯୭୨ ଜୁନ ୧୪ରୁ ୧୯୭୩ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଉପମୁଖ୍ୟମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ। ସେହିଭଳି ଜାନକୀ ବାବୁଙ୍କ ସରକାରଙ୍କ ସମୟରେ ଲାଇକେରା ବିଧାୟକ ହେମାନନ୍ଦ ବିଶ୍ୱାଳ ଓ ତିର୍ତ୍ତୋଲ ବିଧାୟକ ବସନ୍ତ ବିଶ୍ୱାଳ ଉପମୁଖ୍ୟମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ। ତେବେ ବିଜେପିର ଏବେର ସରକାରରେ ଛଅଥର ବିଧାୟକ ହୋଇଥିବା ତଥା ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ଲଗାତର ପାଟଣାଗଡ଼ ବିଧାୟକ ଭାବେ ବିପୁଳ ଜନମତରେ ନିର୍ବାଚିତ ହୋଇଥିବା କନକବର୍ଦ୍ଧନ ସିଂହଦେଓ ଷଷ୍ଠଥର ପାଇଁ ଚଳିତ ନିର୍ବାଚନରେ ବିଜୟ ଲାଭ କରିଛନ୍ତି। ପାଟଣାଗଡ଼ର ରାଜା ଭାବେ ସେ ବେଶ ପରିଚିତ। ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକରେ ଉଚ୍ଚଶିକ୍ଷା ପ୍ରାପ୍ତ ସିଂହଦେଓ ୧୯୯୫ରେ ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଓଡ଼ିଶାରେ ବିଜେଡ଼ି ବିଜେପିର ମେଣ୍ଟ ସରକାର ସମୟରେ ୨୦୦୦-୨୦୦୪ ପର୍ଯ୍ୟନ୍ତ କ୍ୟାବିନେଟ ମନ୍ତ୍ରୀ ଭାବେ ସେ ଶିଳ୍ପ ଓ ସାଧାରଣ ଉଦ୍ୟୋଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିଥିଲେ। ସେହିପରି ୨୦୦୪-୨୦୦୯ ପର୍ଯ୍ୟନ୍ତ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗର ମନ୍ତ୍ରୀ ଥିଲେ। ବିଜେପିର ରାଜ୍ୟ ସଭାପତି ଭାବେ ସୁଚାରୁରୂପେ ଦାୟିତ୍ୱ ନିର୍ବାହ ସହ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ଦାୟିତ୍ୱ ନିର୍ବାହ କରିଛନ୍ତି। ବିଭିନ୍ନ ଦେଶ ଭ୍ରମଣ କରିଥିବା କନକବର୍ଦ୍ଧନ ସିଂହଦେଓଙ୍କର ବନ୍ୟଜନ୍ତୁ ସଂରକ୍ଷଣ ପ୍ରତି ଆଗ୍ରହ ରହିଛି। ଚଳିତ ନିର୍ବାଚନରେ ବିଜେପିର ଓଡ଼ିଶାରେ ଅଭୂତପୂର୍ବ ସଫଳତା ପଛରେ ତାଙ୍କର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା। କେବଳ ପଶ୍ଚିମାଞ୍ଚଳ ନୁହେଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାଙ୍କର ପ୍ରଭାବ ଓ ମଜଭୁତ ସଂଗଠନ ଥିବାରୁ ଏହା ବିଜେପିର ଭୋଟ ବ୍ୟାଙ୍କକୁ ବଢ଼ାଇବାରେ ସକ୍ଷମ ମଧ୍ୟ ହୋଇପାରିଥିଲା।

ଅନେକ ହୁଏତ ଜାଣିନଥିବେ ୧୯୬୭ରୁ ୧୯୭୧ ମସିହା ପର୍ଯ୍ୟନ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଥିବା ରାଜନ୍ଦ୍ରେ ନାରାୟଣ ସିଂହଦେଓ ହେଉଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଜେଜେ। କଂଗ୍ରେସ ସରକାରରେ ହେମାନନ୍ଦ ବାବୁଙ୍କ ପରେ ପଶ୍ଚିମ ଓଡ଼ିଶାର ଦ୍ୱିତୀୟ ଲୋକପ୍ରିୟ ରାଜନେତା ଭାବେ ଶ୍ରୀ ସିଂହଦେଓ ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି। ରାଜ୍ୟରେ ବିଜେପି ସରକାର ଗଠନ



ଅନୁପମା ଭୂୟାଁ

ହେବା ସୁନିଶ୍ଚିତ ଭିତରେ ତାଙ୍କ ନାମ ସର୍ବାଗ୍ରେ ରହିଥିଲା। ଦଳର ସବୁ ପ୍ରମୁଖ କର୍ମକର୍ତ୍ତା ଓ କେନ୍ଦ୍ର ବିଜେପିର ଶୀର୍ଷ ନେତୃତ୍ୱଙ୍କ ସେ ଅତ୍ୟନ୍ତ ବିଶ୍ୱାସ ଭାଜନ ଥିଲେ ଓ ଓଡ଼ିଶା ବାସୀଙ୍କର ଜଣେ ପ୍ରିୟ ନେତା ଭାବେ ତାଙ୍କ ନାମ ଆଲୋଚନା ହେବା ମଧ୍ୟ ସ୍ୱାଭାବିକ ଥିଲା। ତାଙ୍କ ସାଂଗଠନିକ ପ୍ରଭାବରୁ ବଲାଙ୍ଗୀର ଲୋକସଭା କ୍ଷେତ୍ରର ସାତଟି ଆସନରୁ ବିଜେପି ଚଳିତଥର ପାଞ୍ଚଟି ଆସନ ଅକ୍ତିଆର କରିପାରିଛି। କେବଳ ସେତିକି ନୁହେଁ ଏହା ସହ ତାଙ୍କ ସହଧର୍ମିଣୀ ସଂଗୀତା କୁମାରୀ ସିଂହଦେଓ ମଧ୍ୟ ପୁନର୍ବାର ବଲାଙ୍ଗୀର ସାଂସଦ ଭାବେ ବିଜୟ ଲାଭ କରିଛନ୍ତି। ଚଳିତ ନିର୍ବାଚନକୁ ମିଶାଇଲେ ସେ ପଞ୍ଚମ ଥର ପାଇଁ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ଏଠାରେ ସୂଚନାଥାଉକି ୨୦୦୪ ମସିହା ଏପ୍ରିଲ ମାସରେ ପାଟଣା ମହାରାଜ ଭାବେ କନକ ବର୍ଦ୍ଧନ ସିଂହଦେଓ ଅଭିସିକ୍ତ ହୋଇଥିଲେ। କ୍ରମାଗତ ଭାବେ ପାଞ୍ଚଟି ନିର୍ବାଚନରେ ବିଜୟ ଲାଭ କରି ଜଣେ ଦକ୍ଷ, ଅନୁଭବୀ ଓ ଅଭିଜ୍ଞ ରାଜନେତା ଭାବେ ନିଜ ପରିଚୟ ସୃଷ୍ଟି କରିଥିଲେ। ବିଜେପିର ଜଣେ ଲୋକପ୍ରିୟ ଚେହେରା ଭାବେ ତାଙ୍କୁ ବିଚାର କରାଯାଏ। ବିରୋଧୀ ଦଳ ଆସନରେ ଥିବା ସମୟରେ ନବୀନ ବାବୁଙ୍କ ସରକାରଙ୍କୁ ବିଧାନସଭାରେ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଅଡୁଆରେ ପକାଇଥିଲେ। ତାଙ୍କର ତଥ୍ୟଭିତ୍ତିକ ବିଭିନ୍ନ ପ୍ରସଙ୍ଗ ବିଜେଡ଼ି ସରକାରକୁ ଦୋହଲାଇ ଦେଇଥିଲା ଏବଂ ସରକାର ବିରୁଦ୍ଧରେ ଏକ ଦୃଢ଼ ଜନମତ ମଧ୍ୟ ସୃଷ୍ଟି କରିବାରେ ସମର୍ଥ ହୋଇଥିଲା। ଓଡ଼ିଶାରେ ବିଜେପି ପୂର୍ଣ୍ଣ ବହୁମତ ପାଇବା ପରେ ସେ ସାଢ଼େ ଚାରିକୋଟି ଓଡ଼ିଆଙ୍କୁ ପ୍ରଣାମ ଜଣାଇବା ସହ ଦୀର୍ଘ ୧୪ ବର୍ଷର ଶାସନ ପରିବର୍ତ୍ତନ ହୋଇଛି ଓ ଲୋକଙ୍କ ଆଶା ଆକାଂକ୍ଷାକୁ ଆମେ ପୂରା କରିବାକୁ ଚେଷ୍ଟା କରିବା ସହ ଆଗାମୀ ଦିନରେ ଏଥିପାଇଁ ଅନେକ କାର୍ଯ୍ୟକ୍ରମ ରହିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। କେବଳ ପଶ୍ଚିମାଞ୍ଚଳବାସୀ ନୁହେଁ ଓଡ଼ିଶାବାସୀ ତାଙ୍କ ଠାରୁ ଅନେକ ପ୍ରଗତି ଓ ଗୁରୁଦାୟିତ୍ୱ ନିର୍ବାହ ଆଶା କରନ୍ତି। ନୂଆ ଓଡ଼ିଶା ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଅବଦାନ ରହିବ। କୋଟି କୋଟି ଓଡ଼ିଶାବାସୀଙ୍କ ପକ୍ଷରୁ ତାଙ୍କୁ ଅଜସ୍ର ଅଭିନନ୍ଦନ ଓ ଶୁଭେଚ୍ଛା।

*'ସାଇବିଥି' ୬ଡ଼ି/୧୩୫୪,*
*ସେକ୍ଟର-୯, ସିଡିଏ, କଟକ*

# ରଜ ପର୍ବ : ମାଟି ଓ ଶିକ୍ଷା ଆଦ୍ୟ ଖଡ଼ିପାଠର କୃତଜ୍ଞତାର ପାର୍ବଣ

ରଜ ପର୍ବ କେବଳ ଓଡ଼ିଶାରେ ପାଳିତ ହେଉଥିବାରୁ ଏହାକୁ ଓଡ଼ିଶାର ନିଜପର୍ବ ଓଡ଼ିଆ ପର୍ବ । ପର୍ବ କହିଲେ ବିଷ୍ଣୁ ପୁରାଣ ଅନୁସାରେ 'ଚତୁର୍ଦ୍ଦଶ୍ୟାଷ୍ଟମୀ ଚୈବ ଅମାବାସ୍ୟାଥ ପୂର୍ଣ୍ଣିମା ପର୍ବଣ୍ୟେ-ତାନି ରାଜେନ୍ଦ୍ର ! ରବି ସଂକ୍ରାନ୍ତି ରେବଚ' - ଚତୁର୍ଦ୍ଦଶୀ, ଅଷ୍ଟମୀ, ଅମାବାସ୍ୟା, ପୂର୍ଣ୍ଣିମା ଓ ରବି ସଂକ୍ରମଣ ବା ସଂକ୍ରାନ୍ତି - ଏହି ପାଞ୍ଚ ପାଞ୍ଚଗୋଟି ହିଁ 'ପଞ୍ଚପର୍ବ' ନାମରେ ପ୍ରସିଦ୍ଧ । 'ରଜ' ଉତ୍ସବ ମିଥୁନ ସଂକ୍ରାନ୍ତିକୁ ନେଇ ଅନୁଷ୍ଠିତ ହେଉଥିବାରୁ- ଏହାକୁ 'ପର୍ବ' ବୋଲି କହିବାରେ ଶାସ୍ତ୍ରୀୟ ସମର୍ଥନ ରହିଛି । ଯସ୍ୟାଂ ସମୁଦ୍ର ଉତ ସିନ୍ଧୁରାପୋ, ଯସ୍ୟା ମନ୍ନଂ କୃଷ୍ଟୟଃ ସଂବଭୂବୁଃ । ଯସ୍ୟାମିଦଂ ଜିନ୍ୱତି ପ୍ରାଣଦେଜତ୍, ସା ନୋ ଭୂମିଃ ପୂର୍ବପେୟେ ଦଧାତୁ । ଯେଉଁ ପୃଥିବୀ ଉପରେ ସମୁଦ୍ର, ନଦୀ ଓ ଜଳ ରହିଛନ୍ତି, ଯେଉଁଥିରେ ଅନ୍ନ ଓ ମାନବସୃଷ୍ଟିର ସତ୍ତା ରହିଛି, ଯେଉଁଠାରେ ସମସ୍ତେ ଆନନ୍ଦିତ ହୁଅନ୍ତି, ଶ୍ୱାସ ପ୍ରଶ୍ୱାସ ନିଅନ୍ତି, ତାହା ବିଚରଣ କରନ୍ତି, ସେହି ଭୂମିକୁ ଆମେ ପ୍ରଥମ ସମ୍ମାନ ଦେବା । ପୃଥିବୀ ପ୍ରତି ଏହି ସମ୍ମାନବୋଧ, କୃତଜ୍ଞତା ଓ ଚେତନତ୍ୱର ଆରୋପ ହିଁ ରଜ ଉତ୍ସବର ମୂଳତତ୍ତ୍ୱ । ଆମର ବାସଭୂମି ପୃଥିବୀ ଏକ ନିଷ୍ପ୍ରାଣ ମୃତ୍ତିକାପିଣ୍ଡ ନୁହେଁ । ଏହାର ପ୍ରାଣ ଅଛି । ଏହା ଆମକୁ ଧରା ହୋଇ ଧରି ରଖିଛି ଏବଂ କ୍ଷମା ଭାବରେ ସବୁ ସହି ଭୂତଧାତ୍ରୀ ପରି ପାଳନ କରୁଛି । ପୃଥିବୀଠାରେ ଏହି ମାତୃଚେତନା ବା ମାଟି ପ୍ରତି ମମତା ହିଁ କୃତଜ୍ଞ ମନୁଷ୍ୟକୁ ରଜପର୍ବରେ ତିନିଦିନ ପାଇଁ କର୍ଷଣ କରିବାରୁ ନିବୃତ୍ତ କରିଛି ।

ଜ୍ୟୋତିଶାସ୍ତ୍ର ଅନୁସାରେ ସୂର୍ଯ୍ୟ ବାର ଭାଗରେ ବିଭକ୍ତ ରାଶିଚକ୍ରରେ ୬୦୦ ବା ବୃଷରାଶିକୁ ତ୍ୟାଗକରି ଯେତେବେଳେ ମିଥୁନ ରାଶିରେ ପ୍ରବେଶ କରିବେ, ସେହିଦିନ ସୂର୍ଯ୍ୟଙ୍କର ମିଥୁନ ସଂକ୍ରମଣ ମିଥୁନ ରାଶି ପ୍ରବେଶ ହୁଏ ଏବଂ ଉକ୍ତ ଦିନଟିକୁ ମିଥୁନ ସଂକ୍ରାନ୍ତି କୁହାଯାଏ । ମିଥୁନ ରାଶି ଅର୍ଥାତ୍ ରାଶିଚକ୍ରର ୬୦ ଡିଗ୍ରୀ ଠାରୁ ୯୦ ଡିଗ୍ରୀ ପର୍ଯ୍ୟନ୍ତ ବ୍ୟାପ୍ତ ଅଂଶରେ ସୂର୍ଯ୍ୟ ଏକମାସ ରହନ୍ତି ଏବଂ ଏହି ମାସଟିକୁ ମିଥୁନ ସୌର ମାସ କୁହାଯାଏ । ଏକ ଗଦାଧାରୀ ପୁରୁଷ ଓ ବୀଣାଧାରିଣୀ ସ୍ତ୍ରୀଙ୍କର ଯୁଗ୍ମ ବିଗ୍ରହ ଭାବରେ ମିଥୁନ ରାଶିଟିର କଳ୍ପନା ହୋଇଛି । ପ୍ରଶ୍ନୋପନିଷଦ୍‌ରେ କୁହାଯାଇଛି - ସଃ ମିଥୁନମ୍ ଉତ୍ପାଦୟତେ, ରୟିଂ ଚ ପ୍ରାଣଂ ଚ ଇତି । ଏତୌ ମେ ବହୁଧା ପ୍ରଜାଃ କରିଷ୍ୟତ ଇତି । ଆଦିତ୍ୟୋ ହବୈ ପ୍ରାଣୋ ରୟିରେବ ଚନ୍ଦ୍ରମାଃ । ଏଠାରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ମିଥୁନଙ୍କୁ ପ୍ରାଣ ଓ ଅନ୍ନ କହି ସେମାନଙ୍କ ଗତିରୁ ହେଉଥିବା ଦିନ ଓ ରାତି, ଋତୁ ଓ ମାସ ତଥା ନବବର୍ଷ ହିଁ ଅଭିଲକ୍ଷିତ । ମୃଗଶିରା ନକ୍ଷତ୍ରର ଦୁଇପାଦ, ଆର୍ଦ୍ରାର ଚାରିପାଦ ଓ ପୁନର୍ବସୁ ନକ୍ଷତ୍ରର ତିନିପାଦକୁ ନେଇ ମିଥୁନରାଶି ହୋଇଛି । ଏହି ତିନି ନକ୍ଷତ୍ରରେ ସେହି ଏକ ମିଥୁନତତ୍ତ୍ୱ ବି ପରିଲକ୍ଷିତ ହୁଏ । ଐତରେୟ ବ୍ରାହ୍ମଣ ଅନୁସାରେ ପ୍ରଜାପତି ବ୍ରହ୍ମା ସ୍ୱୀୟ କନ୍ୟା ରୋହିଣୀ ପ୍ରତି କାମାସକ୍ତ ହେବାରୁ ରୋହିଣୀ ଲଜ୍ଜା ଓ ଭୟରେ ମୃଗ ରୂପରେ ପଳାୟନ କଲେ । ବ୍ରହ୍ମା ମଧ୍ୟ ମୃଗ ରୂପରେ ମୃଗୀରୂପା ରୋହିଣୀଙ୍କର ଅନୁଧାବନ କରିବାରୁ ଦେବତାମାନେ ସେମାନଙ୍କର ରୌଦ୍ରାଂଶରୁ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଭୂତବାନଙ୍କୁ ସୃଷ୍ଟି କଲେ ଏବଂ ସେହି ଭୂତବାନ ଭୂତପତି ମୃଗରୂପୀ ବ୍ରହ୍ମାଙ୍କର ଶିରଚ୍ଛେଦ କରି ଆକାଶରେ ସ୍ଥାପନ କଲେ । ଏହାହିଁ ହେଉଛି ଆମର ମୃଗଶିରା ନକ୍ଷତ୍ର ପ୍ରାଚୀନ କାଳରେ ମୃଗଶିରା ନକ୍ଷତ୍ରରେ ହିଁ ବାସନ୍ତକ୍ରାନ୍ତିପାତ ଘଟୁଥିଲା ଏବଂ ଏହିଠାରୁ ହିଁ ବର୍ଷାରମ୍ଭ ହେଉଥିଲା । ରଜର ତିନି ଦିନ ଅର୍ଥାତ୍ ପହିଲି ରଜ, ସଂକ୍ରାନ୍ତି ଓ ଭୂମି ଦହନ - ଏହି ତିନି ଦିନ ପାଳନ କରିବା ସକାଶେ ଓଡ଼ିଶାର ଝିଅ ବୋହୂମାନେ ସବୁକାମ ସାରି ସଜ ହୁଅନ୍ତି । ନୂଆଲୁଗା ପିନ୍ଧି ବିଭିନ୍ନ ସ୍ଥାନ ଦେଖିବାକୁ ଦଳ ଦଳ ହୋଇ ବୁଲି ବାହାରନ୍ତି, ଦୋଳି ବାନ୍ଧି 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ' - ବୋଲି ଗୀତ ଗାଇ ଆନନ୍ଦରେ ଝୁଲନ୍ତି । ଏହି ତିନି ଦିନ ସେମାନେ ରନ୍ଧାବଢ଼ା ଓ କଟାବଟା ଇତ୍ୟାଦି ଗୃହକର୍ମ ନକରି ସଂପୂର୍ଣ୍ଣ ବିଶ୍ରାମ ନିଅନ୍ତି । ସତତ କର୍ମରତ ଗୃହବଧୂ ଓ କନ୍ୟାମାନଙ୍କର କୃଷି କର୍ମରେ କଠୋର ପ୍ରବୃତ୍ତି ସକାଶେ ଏ ତିନି ଦିନ ଯେପରି ପ୍ରସ୍ତୁତି ବିଶ୍ରାମ । ପୃଥିବୀ ରଜସ୍ୱଳା ପାଳନ ବିଧିରେ ଝିଅ ବୋହୂମାନଙ୍କୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ଏହି ଯେଉଁ ପର୍ବର କଳ୍ପନା ସେଥିରେ ଶରୀର ସକାଶେ ବିଶ୍ରାମ, ମନ ପାଇଁ ଆନନ୍ଦ ଓ ଭବିଷ୍ୟତ ସକାଶେ ସ୍ୱପ୍ନ ଥିଲେ ହିଁ ପୃଥିବୀ ଯେପରି ଶସ୍ୟ ଶ୍ୟାମଳା ହେବ ମଣିଷର ସାଂସାରିକ ଜୀବନଯାପନ ସକାଶେ ସେପରି ସ୍ୱଚ୍ଛଳ ହେବ ବୋଲି ନିର୍ଦ୍ଦେଶ ରହିଛି ।

ଓଡ଼ିଆ ସାମାଜିକ ଓ ଜନଜୀବନ ଚେତନାରେ ରଜ ଏକ ଉତ୍ସବ ନୁହେଁ ଏହା ଏକ ଆନନ୍ଦର ପାର୍ବଣ। ରଜ ସମୟରେ ଅନେକ ଅନୁଷ୍ଠାନ, ଉଦ୍ୟୋଗ, ବିଭିନ୍ନ ସଂସ୍ଥା କାର୍ଯ୍ୟକ୍ରମର ଆୟୋଜନ କରୁଥିବାବେଳେ ବଡ଼ ଖୁସିର କଥା ଓଡ଼ିଶାରେ ମେଧାବୀ ଶିକ୍ଷା ପ୍ରତିଭାଙ୍କ ଅନ୍ୟତମ ଉତ୍କର୍ଷ ଶିକ୍ଷାୟତନ ଯାଜପୁର କଟିକଟାର ଗାନ୍ଧୀସ୍ମୃତି ଉଚ୍ଚବିଦ୍ୟାପୀଠର ୧୯୭୩ରୁ ୨୦୨୪ ପର୍ଯ୍ୟନ୍ତ ବ୍ୟାଚ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ରଜ ଉପଲକ୍ଷେ ଆସନ୍ତା ୧୫ ତାରିଖରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଯାଉଛି। ପାରମ୍ପରିକ ରଜ ଉତ୍ସବର ଅନ୍ତର୍ନିହିତ ପ୍ରାସଙ୍ଗିକତା, ପ୍ରାଚୀନତା, ପରମ୍ପରା ସମେତ ଏକ ବିଧିବଦ୍ଧ କମିଟି ଗଠନ କରାଯାଇ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଜନିତ କାର୍ଯ୍ୟକ୍ରମ ଖସଡ଼ା ଆଲୋଚନା ପାଇଁ ପ୍ରସଙ୍ଗ ରହିଛି। ବିଦ୍ୟାଳୟର ଅଭିବୃଦ୍ଧି, ଏକ ସ୍ମରଣୀୟ ସ୍ମୃତି ଅନୁଭୂତିର ସ୍ମରଣିକା, ବିଦ୍ୟାଳୟ ନିମିତ୍ତ କ୍ରୀଡ଼ା ପ୍ରାଙ୍ଗଣ ପ୍ରତିଷ୍ଠା ଓ ସାମଗ୍ରିକ ଭାବେ ବିଦ୍ୟାଳୟର ଅଭିବୃଦ୍ଧି ନିମିତ୍ତ ପୁରାତନ ବିଦ୍ୟାର୍ଥୀଙ୍କ ଭିତରେ ପରାମର୍ଶ ଓ ସହଯୋଗର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଂଶ ଗ୍ରହଣ କରିବା ପାଇଁ ପୁରାତନ ଛାତ୍ର ତଥା ବିଶିଷ୍ଟ ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ ଅନୁଷ୍ଠାନର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ବିଶ୍ୱାଳ ନିବେଦନ କରିଛନ୍ତି। ନିଜ ଶିକ୍ଷା ଜୀବନର ଆଦ୍ୟକେନ୍ଦ୍ର ପାଲଟିଥିବା ଏବଂ ଜୀବନ ଅନୁଭୂତିର ଖଡ଼ି ଛୁଆଁ ହୋଇଥିବା ପିଲାଦିନର ସ୍ମରଣୀୟ ବିଦ୍ୟାଳୟକୁ ମନେପକାଇବା ଏବଂ ତାହାର ସାମଗ୍ରିକ ଉନ୍ନତିକଳ୍ପେ କିଛି ସାମାନ୍ୟତମ ଋଣ ପରିଶୋଧ କରିବାର ଏକ ଉଚ୍ଚ ଭାବନାର ଏ କାର୍ଯ୍ୟକ୍ରମ ନିଶ୍ଚିନ୍ତ ଭାବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସଦୃଶ। ଦିନେ ଜୀବନର ଓ ଶିକ୍ଷାର ଖଡ଼ିପାଠ ଆରମ୍ଭ କରିଥିବା ସେ ଦିନର ଅବୋଧ ଶିଶୁମାନେ ଆଜି ନିଜ ନିଜ କ୍ଷେତ୍ରରେ ସମାଜରେ ବେଶ ପ୍ରତିଷ୍ଠିତ, ପ୍ରଶଂସିତ ଓ ଗୌରବାନ୍ୱିତ ହୋଇଥିବାବେଳେ ନିଜ ଶିକ୍ଷା ଆଦ୍ୟ କେନ୍ଦ୍ରର ଶିକ୍ଷାୟତନକୁ କୃତଜ୍ଞତା ଜଣାଇବାର ଏପରି ଅଭିନବ ପ୍ରୟାସକୁ ସବୁ ମହଲରେ ସମର୍ଥନ ପ୍ରଶଂସାର ସୁଅ ଛୁଟୁଛି। ରଜ ସମସ୍ତଙ୍କ ପାଇଁ ଆନନ୍ଦର ଉତ୍ସ ହେଉ। ରବି ରଜାର ମିଥୁନ ବା ମିଳନରେ ଯେତେ ଆନନ୍ଦ, ଯେତେ ଉନ୍ମାଦନା - ସବୁ ରାଜସ ବିଳାସ, ସତେ ଯେପରି ଆମରି ମଧ୍ୟରେ ଅବତରଣ କରିଛି - ଏଇ ଫଳପ୍ରସ୍ୱ ମାଟିର ଉର୍ବରତା ଦ୍ୟୋତକ ରଜ - ପର୍ବର ମନ ମତାଣିଆ ମଉଚ୍ଛବ ବା ମହୋତ୍ସବରେ ।

*'ଧ୍ୱନୀ' ମେଟ୍ରୋପ୍ଲାଜା, କାଠଗୋଲା*
*ରୋଡ଼, ମଙ୍ଗଳାବାଗ, କଟକ,*
*ଦୂରଭାଷ : ୯୪୩୮୨୭୬୭୬୦*

# ବିଶ୍ୱ ଗୁରୁ ଭାରତ : ସଶକ୍ତ ହେବ କୂଟନୀତି

କେନ୍ଦ୍ରରେ ନରେନ୍ଦ୍ର ମୋଦିଜୀଙ୍କ ମାର୍ଗଦର୍ଶନରେ ଦୃଢ଼ ଏନଡିଏ ସରକାର ଗଠନ ହୋଇଛି। ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଦୁଇଟି ପାଳିରେ ଭାରତ କୂଟନୀତିରେ ଅନେକ ସଫଳତା ପାଇଛି ଯାହାକି ଦେଶବାସୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। ସମଗ୍ର ବିଶ୍ୱରେ ଆତଙ୍କ ଖେଳାଇ ଦେଇଥିବା କୋଭିଡ଼ ମହାମାରୀ ବେଳେ ୟୁକ୍ରେନ ରୁଷ ଯୁଦ୍ଧ ସମୟରେ ଓ ହମାସ-ଇସ୍ରାଏଲ ଯୁଦ୍ଧ ସମୟରେ ଯୁଦ୍ଧଗ୍ରସ୍ତ ଅଞ୍ଚଳରେ ଫଶିଥିବା ଭାରତୀୟ ମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବାରେ ମୋଦିଜୀଙ୍କ କୂଟନୀତି ସଫଳ ହୋଇଥିଲା। ଏପରିକି ଆମେରିକା ପରି ବିଶ୍ୱର ଶକ୍ତିଶାଳୀ ଓ ବିକଶିତ ଦେଶ ଭାରତକୁ ଅନେକ କ୍ଷେତ୍ରରେ ମଧ୍ୟ ବନ୍ଧୁତାର ହାତ ବଢ଼ାଇଛି। ମୋଦିଜୀଙ୍କ ନେତୃତ୍ୱରେ ଜାତିସଂଘରେ ଭାରତର ସ୍ୱର ଆହୁରି ଶାଣିତ ହୋଇଛି। ଏଠାରେ ଉଲ୍ଲେଖନୀୟ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତରେ କ୍ରମବର୍ଦ୍ଧିଷ୍ଣୁ ବୈଷୟିକ ଉପସ୍ଥିତିର ଉପଯୋଗ କରି ନିଜ ଘରୋଇସ୍ଥିତିକୁ ମଜଭୁତ କରିପାରିଛି। ଭାରତ ଦ୍ୱାରା ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀ ଗତ ବର୍ଷ ବେଶ ସଫଳ ଭାବେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱର ତମାମ ଶକ୍ତିଶାଳୀ ଦେଶର ଶୀର୍ଷ ନେତୃବୃନ୍ଦ ଏଥିରେ ସାମିଲ ହୋଇଥିବାବେଳେ ପୂର୍ବରୁ ଏପରି ବିଶାଳ ଓ ଅଭୂତପୂର୍ବ ଆୟୋଜନ ଭାରତରେ କେବେ ହେଲେ ହୋଇପାରିନଥିଲା। ଏହା ବ୍ୟତୀତ ଚୀନ ତୁଳନାରେ ଭାରତକୁ କେବଳ ଆମେରିକା ନୁହେଁ ୟୁରୋପୀୟ ଦେଶମାନେ ମଧ୍ୟ ଅଧିକ ସମର୍ଥନ ଦେବା ସହ ଭାରତ ଏକ ଭରସା ଯୋଗ୍ୟ ବନ୍ଧୁ ହୋଇପାରିଛି। ଭାରତ ଯୁକ୍ତରାଷ୍ଟ୍ରର ଆମେରିକା, ଅଷ୍ଟ୍ରେଲିଆ ଓ ଜାପାନ ସହ ଗଠନ ହୋଇଥିବା କ୍ୱାର୍ଡ଼ ସମୂହର ଅଂଶବିଶେଷ। ଚୀନର କ୍ରମବର୍ଦ୍ଧିଷ୍ଣୁ ଆକ୍ରମଣାତ୍ମକ ଆଗଚଲା ଓ ଏକଚାଟିଆ ଭାବେ ଏସିଆ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଆଗକୁ ବଢୁଥିବାବେଳେ ଏହା ତା ବିରୁଦ୍ଧରେ ଏକ ଶକ୍ତିଶାଳୀ ମେଣ୍ଟ। ବିଶ୍ୱରେ ବଡ଼ ଭାଇର ଦାୟିତ୍ୱ ନିର୍ବାହ କରୁଥିବା ଓ ସବୁକ୍ଷେତ୍ରରେ ବିକଶିତ ଓ ଶକ୍ତିଶାଳୀ ହୋଇଥିବା ଆମେରିକାର ରାଷ୍ଟ୍ରପତି ଜୋବାଇଡେନ ଗତ ବର୍ଷ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ପାଇଁ ସରକାରୀ ରାତ୍ରି ଭୋଜନ ଆୟୋଜନ କରିବା ସହ ୱାଶିଂଟନ ସହ ନୂଆଦିଲ୍ଲୀର ସମ୍ପର୍କକୁ ଏକ ବିଂଶ ଶତାବ୍ଦୀର ନିର୍ଣ୍ଣାୟକ ଭାଗିଦାରୀ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଅନେକ ଦିନ ଧରି ଭାରତ ଇଛା କରିଥିବା ଅତ୍ୟାଧୁନିକ ଡ୍ରୋନ ବିକ୍ରିକୁ ୱାଶିଂଟନ ମଞ୍ଜୁରୀ ଦେଇଛି।

ସେହିପରି ଭାରତ-ଚୀନ-ଋଷ ଓ ଅନ୍ୟ ଦେଶମାନଙ୍କ ସହ ଗୋଟିଏ ମଞ୍ଚରେ ସାମିଲ ହୋଇ ସାଙ୍ଘାଇ ସହଯୋଗ ସଂଗଠନ ଫୋରମ ଗଠନ କରିଛି। ଏ ସବୁ ସତ୍ତ୍ୱେ ଚୀନ ଭାରତର ଶକ୍ତି ଓ ସାମର୍ଥ୍ୟକୁ ଏକ ପ୍ରକାର ଅବଜ୍ଞା କରି ଭାରତ ସହ ବିବାଦକୁ ଜାରି ରଖିଛି। ୨୦୨୦ରେ ଚୀନର ସୈନ୍ୟମାନେ ଭାରତୀୟ ସେନା ଉପରେ ଘାତକ ଆକ୍ରମଣ କରିବା ପରେ ଏହି ଦୁଇ ଶକ୍ତିଶାଳୀ ରାଷ୍ଟ୍ର ଭିତରେ ସମ୍ପର୍କ ପ୍ରତିକୂଳ ରହିଥିବା ନେଇ କେତେକ କୂଟନୀତିଜ୍ଞ ମତବ୍ୟକ୍ତ କରିଛନ୍ତି। ସେମାନେ ଏହି ଆଶା ରଖିଛନ୍ତି ଯେ ଭାରତ ନିଜେ ମିତ୍ର ରାଷ୍ଟ୍ର ଗୁଡ଼ିକର ସହଯୋଗ, ସମର୍ଥନ ଓ ସାମର୍ଥ୍ୟକୁ ଭରଷା କରି ଚୀନର ଦାଦାଗିରି ଉପରେ ଲଗାମ କଷିବା ପାଇଁ ଉଦ୍ୟମ ରଖିବ। ମୋଦିଜୀଙ୍କ ନେତୃତ୍ୱାଧୀନ ସରକାର ଭାରତର ସୀମା ଅଞ୍ଚଳର ଭିତ୍ତିଭୂମିକୁ ବଢ଼ାଇବା ସହ ବିଭିନ୍ନ ସାମରିକ ନିର୍ମାଣଧୀନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରୁଛନ୍ତି। ଗତବର୍ଷ ଭାରତ ତାର ପ୍ରତିରକ୍ଷା ଖର୍ଚ୍ଚରେ ୧୩% ବୃଦ୍ଧି କରିଛି କିନ୍ତୁ ଏଯାବତ୍ ଏହା ଚୀନର ଖର୍ଚ୍ଚ ତୁଳନାରେ ଚାରି ଭାଗରୁ ଭାଗେ। ମୋଦିଜୀ



ସୌର ଚନ୍ଦ୍ର ମହାପାତ୍ର

ଚଳିତ ସପ୍ତାହରେ ନୂଆଦିଲ୍ଲୀକୁ ଗ୍ଲୋବାଲ ସାଉଥର ମଜଭୁତ ତଥା ମହତ୍ୱପୂର୍ଣ୍ଣ ସ୍ୱର ବୋଲି କହିଥିଲେ। ଏହାପଛରେ କାରଣଟି ମଧ୍ୟ ଭିନ୍ନ। ଭାରତ ଗତ ବର୍ଷ ଗ୍ଲୋବାଲ ସାଉଥ ସଂକ୍ରାନ୍ତ ଦୁଇଟି ଶିଖର ସମ୍ମିଳନୀ ଅଧ୍ୟକ୍ଷତାକରି ବିଶ୍ୱ ଦରବାରରେ ତାହା ବଡ଼ଭାଇ ପଣିଆର ଗୁରୁତ୍ୱ ଓ ଓଜନର ସାମର୍ଥ୍ୟ ପ୍ରମାଣିତ କରିପାରିଛି। ଏସିଆ, ଦକ୍ଷିଣ ଆମେରିକା ଓ ଆଫ୍ରିକ ଦେଶ ଗୁଡ଼ିକର ପ୍ରତିନିଧି ଭାବରେ ନିଜ ଭୂମିକାକୁ ମଜଭୁତ କରିବା ପାଇଁ ଭାରତ ନିରବଚ୍ଛିନ୍ନ ଉଦ୍ୟମରେ ଆଗେଇଛି। ମୋଦିଙ୍କ ନେତୃତ୍ୱରେ ହିଁ ଆଫ୍ରିକୀୟ ସଂଘ ସମୂହ ଜି-୨୦ର ସ୍ଥାୟୀ ସଦସ୍ୟ ହୋଇପାରିଥିଲା ଏବଂ ସେ ସମୟରେ ଭାରତର ବଡ଼ ଯୁକ୍ତି ରହିଥିଲା ଯେ ସାମ୍ପ୍ରତିକ ବିକାଶଶୀଳ ଦେଶ ଗୁଡ଼ିକୁ ବୈଷୟିକ ନିର୍ଣ୍ଣୟ ନେବାରେ ଅଧିକ ଯୋଗଦାନ ଓ ଭାଗିଦାରୀର ଆବଶ୍ୟକତା ରହିଛି। ଏଠାରେ ସୂଚନାଥାଉକି ବିକାଶଶୀଳ ଅର୍ଥ ବ୍ୟବସ୍ଥାକୁ ନେଇ ଗଠନ ହୋଇଥିବା ବ୍ରିକ୍ସ କ୍ଲବର ଭାରତ ହେଉଛି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାତା ସଦସ୍ୟ।

ଭାରତ ହେଉଛି ବିଶ୍ୱରେ ଏପରି ଏକ ସ୍ୱତନ୍ତ୍ର ଦେଶ ଯିଏ କି ଆମେରିକା ଓ ଋଷ ଭିତରେ ଅହିନକୁଳ ସମ୍ପର୍କ ଥିଲେ ମଧ୍ୟ ବିଶ୍ୱର ଏହି ଦୁଇ ଶକ୍ତିଶାଳୀ ଦେଶ ସହ ଭାରତର ନିବିଡ଼ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି। ନୂଆଦିଲ୍ଲୀ ୱାଶିଂଟନ ସହ ସମ୍ପର୍କ ଭଲ ସେହିପରି ନୂଆ ଦିଲ୍ଲୀ ସହ ମସ୍କୋର ମଧ୍ୟ ଅନେକ ଆଗରୁ ଗୁରୁତ୍ୱପୂର୍ଣ୍ଣ ସୁସମ୍ପର୍କ ରହିଛି। ଆଗକୁ ମଧ୍ୟ ଋଷ ସହିତ ମୋଦିଜୀ ଭଲ ସମ୍ପର୍କ ଆଗେଇ ନେବେ। ଆମେରିକା ଚାପରେ ମୋଦିଜୀ ଆଦୌ ନଇଁବେ ନାହିଁ। ୟୁକ୍ରେନ ଯୁଦ୍ଧ ସମୟରେ ଋଷ ବିରୁଦ୍ଧରେ ହୋଇଥିବା ଜାତିସଂଘର ଭୋଟିଂ ବେଳେ ଭାରତ ଏଥିରୁ ନିଜକୁ ଦୂରେଇଥିଲା। ଅତୀତରେ ଯୁଦ୍ଧ ସମୟରେ ଭାରତକୁ ଋଷ ଯେଉଁଭଳି ତତ୍କାଳ ସହାୟତା ଦେଇଛି ଏ କଥାକୁ ଭାରତ କେବେ ମଧ୍ୟ ଭୁଲିପାରିବ ନାହିଁ। ଭାରତ ସହ ଋଷର ସୁସମ୍ପର୍କ ରହିଥିବାରୁ ଭାରତର ଅନ୍ୟତମ ପଡ଼ୋଶୀ ତଥା ପ୍ରତିକୂଳ ସମ୍ପର୍କ ରଖୁଥିବା ଚୀନ ପାଇଁ ଏକ କଡ଼ା ବାର୍ତ୍ତା ଯାଉଛି। କାରଣ ଚୀନ ସହିତ ଋଷର ସମ୍ପର୍କ ବେଶ ଘନିଷ୍ଠ। ତେଣୁ ସାମରିକ ସହଯୋଗ କ୍ଷେତ୍ରରେ ଋଷ ଭାରତର ଘନିଷ୍ଠ ହୋଇଥିବାରୁ ଚୀନ ଆକ୍ରମଣାତ୍ମକ ହେବା ଅର୍ଥ ଋଷ ସହିତ ସମ୍ପର୍କ ବିଗିଡ଼ିବାର ଲକ୍ଷଣ ପ୍ରକାଶ କରିବା। ମୋଦିଜୀ ପଡ଼ୋଶୀ ପାକିସ୍ତାନ ପ୍ରତି ନକରାତ୍ମକ ଓ କଠୋର ଆଭିମୁଖ୍ୟ ପୋଷଣ କରିବାର ସମ୍ଭାବନା ରହିଛି। କାଶ୍ମୀରକୁ ନେଇ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ନାହିଁ। ପାକିସ୍ତାନ ଅଧିକୃତ କାଶ୍ମୀରକୁ ଫେରାଇ ଆଣି ଅଖଣ୍ଡ ଭାରତରେ ସାମିଲ କରିବାକୁ ବଦ୍ଧ ପରିକର। ୨୦୧୫ରେ ମୋଦିଜୀ ଅଚାନକ ଲାହୋର ଗସ୍ତ କରିଥିଲେ ମଧ୍ୟ ୨୦୧୯ରେ ସମ୍ପର୍କ ପୁଣି ବିଗିଡ଼ି ଯାଇଥିଲା। ପରମାଣୁ ଶକ୍ତିସମ୍ପନ୍ନ ଦୁଇ ପଡ଼ୋଶୀଙ୍କ ଭିତରେ ସମ୍ପର୍କ ଯାହାହେଉନା କାହିଁକି ଭାରତ କିନ୍ତୁ ସାମରିକ ଓ ଅଭିବୃଦ୍ଧି କ୍ଷେତ୍ରରେ ତାହା ବିଶ୍ୱଗୁରୁର ଦାୟିତ୍ୱ ନିର୍ବାହ କରୁଛି। ଆଜି ଭାରତ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ଦିନକୁ ଦିନ ଶକ୍ତିଶାଳୀ ହେଉଛି। ନିକଟରେ ମୋଦିଜୀ ଭାରତର ତୃତୀୟ ଥର ଭାବେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବାର ଶପଥ ଉତ୍ସବ ସମୟରେ ପଡ଼ୋଶୀ ଦେଶ ସମେତ ସାତଟି ଦେଶର ନେତା ଉପସ୍ଥିତ ଥିଲେ। ଏପରିକି ଚୀନ ଚାପରେ ଭାରତ ଜଣେ ପୂର୍ବରୁ ମିତ୍ର ଥିବା ଓ ବର୍ତ୍ତମାନ ଶତ୍ରୁ ପାଲଟିଥିବା ମାଳଦ୍ୱୀପକୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଭାରତ ନିମନ୍ତ୍ରଣ କରି ତା ସହୃଦୟତାର ପ୍ରମାଣ ଦେଇଛି। ମୋଦିଜୀଙ୍କ ଶପଥ ଗ୍ରହଣ ଉତ୍ସବରେ ପଡ଼ୋଶୀ ମାଳଦ୍ୱୀପ, ବାଙ୍ଗଲାଦେଶ, ଶ୍ରୀଲଙ୍କା, ମରିସସ, ନେପାଳ, ଭୁଟାନ, ସିଚେଲର ରାଷ୍ଟ୍ରନେତାମାନେ ଯୋଗ ଦେଇଥିଲେ। ଋଷ -ୟୁକ୍ରେନ ଦୀର୍ଘ ଯୁଦ୍ଧର ଅବସାନ ପାଇଁ ୟୁରୋପୀୟ ନେତାମାନେ ମୋଦିଜୀଙ୍କ ଭୂମିକାକୁ ଚାତକ ପରି ଚାହିଁ ବସିଛନ୍ତି। ଭାରତର ଉଭୟ ଋଷ ଓ ୟୁକ୍ରେନ ସହ ସମ୍ପର୍କ ଖୁବ ଭଲ ଏବଂ ଋଷର ରାଷ୍ଟ୍ରପତି ପୁଟିନଙ୍କ ସହ ମୋଦିଜୀଙ୍କ ଘନିଷ୍ଠ ସମ୍ପର୍କ ଥିବାରୁ ଭାରତ ହସ୍ତକ୍ଷେପ କରିବା ଦ୍ୱାରା ଏ ଯୁଦ୍ଧର ଅବସାନ ହୋଇପାରିବ ବୋଲି ୟୁରୋପିଆନ ରାଷ୍ଟ୍ରର ନେତା ମାନଙ୍କର ବଡ଼ ଆଶା ରହିଛି। ମୋଦିଜୀଙ୍କ ନେତୃତ୍ୱରେ ଭାରତ ଦିନକୁ ଦିନ ଶକ୍ତିଶାଳୀ ହେଉଛି ଓ ନିଜ କୂଟନୀତିରେ ମଧ୍ୟ ସଶକ୍ତ ହେବା ସହ କେବଳ ପଡ଼ୋଶୀ ଦେଶ ନୁହେଁ ବିଶ୍ୱର ତମାମ ସମସ୍ତ ଦେଶ ସହ ତାର ସମ୍ପର୍କ ଘନିଷ୍ଠ ଓ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,*
*କଟକ, ଦୂରଭାଷ :*
*୯୪୩୭୦୦୪୪୬୬*
*'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି,*
*ସେକ୍ଟର-୬, କଟକ*

# ଆସିଛି ରଜ

ଉତ୍କଳୀୟ ସଂସ୍କୃତି, ପରମ୍ପରା ଓ ପର୍ବପର୍ବାଣୀ ସ୍ୱତନ୍ତ୍ର ନିଆରା । ଏଠାରେ ବାରମାସରେ ତେର ପର୍ବ ଯାହା ଆମ ଓଡିଆ ସଂସ୍କୃତିକୁ ଗରୀୟାନ କରିଛି । ସତ କହିବାକୁ ଗଲେ ଆମର ସଂସ୍କୃତି,ଐତିହ୍ୟ ସମ୍ପୂର୍ଣ୍ଣ ଅଲଗା । କପିଳମୁନିଙ୍କ ଭାଷାରେ - 'ବର୍ଷାଣାଂ ଭାରତ ଶ୍ରେଷ୍ଟ, ଦେଶାନାଂ ଉତ୍କଳଃ, ଉତ୍କଳସ୍ୟ ସମଦେଶଃ ଦେଶ, ଦେଶ ନାସ୍ତି ମହୀତଳେ ।'ଋତୁ ସର୍ଜନାରେ ଈଶ୍ୱରଙ୍କ ସମୟ ନିର୍ଣ୍ଣୟ ବାସ୍ତବିକ୍ ଖୁବ୍ ବିଚିତ୍ର । ଜ୍ୟେଷ୍ଠମାସ ଅନ୍ତେ ଓ ଆଦ୍ୟ ଆଷାଢର ସ୍ପର୍ଶରେ ଆଗମନ କରେ ରଜପର୍ବ । ଭିଜା ମାଟିର ବାସ୍ନାରେ, କେଳି କଦମ୍ବର ସୌରଭରେ ପ୍ରକୃତି ମତୁଆଲା ହୋଇଉଠେ । ତିନିଦିନ ଧରି ରଜପର୍ବ ପାଳନ ହୁଏ ଏବଂ ଚତୁର୍ଥ ଦିନରେ ବସୁମତୀ ସ୍ନାନ ଆମ ଓଡିଆ ଘରର ଏକ ସ୍ୱତନ୍ତ୍ର ପରମ୍ପରାର ନିଦର୍ଶନ । ପ୍ରକୃତି ଓ ପୁରୁଷର ମିଳନ ପର୍ବ ରଜ । ଶସ୍ୟ ଶ୍ୟାମଳରେ ଭରପୁର ହୋଇ ଉଠେ ମାତା ଧରିତ୍ରୀ । ଚଷାପୁଅର ଆନନ୍ଦ କହିଲେ ନସରେ । ପିଠା, ମିଠା, ଆମ୍ବ, ପଣସ, ସପୁରୀର ବାସ୍ନାରେ ମହକି ଯାଏ ପ୍ରତ୍ୟେକ ଓଡିଆ ଘର ।

ଆଜିକାଲି କିନ୍ତୁ ସେ ରଜପର୍ବର ମୌଳିକତାର ଅଭାବ ପରିଲକ୍ଷିତ ହେଉଛି । ରଜ ଆସିଛି ସତ, ନା ବନସ୍ତରେ ଗଜ ଡାକୁଛି, ନା ଓଡିଆ ଘର ଝିଅ ବୋହୂ ମାନଙ୍କର ସଜବାଜ ଅଛି । ଯାହା କେବଳ ଏହି ପର୍ବଟି ଔପଚାରିକତାରେ ସୀମାବଦ୍ଧ । ଠିକ୍ ସେହିପରି ରଜ ଦୋଳି ମଧ୍ୟ ଗାଁ ମାନଙ୍କରେ କାଁଭାଁ । ଏହି ସମୟରେ ଓଡିଆ ପୁରପଲ୍ଲୀରେ କେଉଁ ଏକ ଅଣଓଡିଆଙ୍କ ଗାଁମାନଙ୍କ ପରି ପ୍ରତୀୟମାନ ହୁଏ । ପର୍ବ ପାଳନ ହେଉଛି ସତ କିନ୍ତୁ ପୂର୍ବର ମାଦକତା ନାହିଁ । ସାଇ ପଡିଶାମାନଙ୍କ ମଧ୍ୟରେ ସହଯୋଗ, ସହାବସ୍ଥାନ ଓ ଆନ୍ତରିକତା କେଉଁ ଏକ ଅପଦେବତାର ଅଭିଶାପରେ ସ୍ଥାନ ହୋଇଯାଇଛି । ଯୌଥ ପରିବାର ଆଜି ଖଣ୍ଡ ବିଖଣ୍ଡିତ । ଗାଁର ଚାଷୀ ଆଜି ଚାଷକାମ ପ୍ରତି ବୀତସ୍ପୃହ ମନୋଭାବ ପୋଷଣ କରୁଛି । ସମୟ ଥିଲା ଚାଷ କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯାଉଥିଲା, ସେଥିପାଇଁ କୁହାଯାଏ 'ଚାଷ କାମ ଯାହାର କେତେ ସୁଖ ତାହାର ।' କିନ୍ତୁ ସେ ସମୟ ଆଜି ବଦଳି ଯାଇଛି । ଗାଁର ଅଧିବାସୀ ଆଜି ସହରାଭିମୁଖୀ । ଦାଦନରେ ଖଟିବେ ପଛେ ସହରରେ ବାସ କରିବେ । ତେଣୁ ରଜପର୍ବ ସମୟରେ ଗାଁକୁ ଫେରିବା ପ୍ରାୟ ଧୀରେ ଧୀରେ କମିଯାଉଛି । ଅନ୍ୟ ପକ୍ଷରେ ଶସ୍ତା ରାଜନୀତି ଗାଁର ଏକତାକୁ ଭାଙ୍ଗିଦେଉଛି । ଦଳୀୟ ଚିହ୍ନ ନେଇ ଭାଇ ଆଜି ଭାଇର ଶତ୍ରୁ । ଗାଁ ମାନଙ୍କରେ ପ୍ରଦର୍ଶିତ ହେଉଥିବା ପାଲା, ଦାସକାଠିଆ, ସଂକିର୍ତ୍ତନ, ଅଷ୍ଟମପ୍ରହରୀ ଓ ଅନ୍ୟାନ୍ୟ ଲୋକନୃତ୍ୟ ଆଜି ସମୟର ପଶାପାଲିରେ ଅବହେଳିତ । ଭାଗବତ ଟୁଙ୍ଗୀରେ ଶୁଭୁନାହିଁ ଭାଗବତ ପାରାୟଣ । ତା' ବଦଳରେ ଛକମାନଙ୍କରେ ଗଢି ଉଠିକି କ୍ଲବ୍



ବିଜୟ କୁମାର ପାଢୀ

ଯେଉଁଠାରେ ପ୍ରତିଦିନ ପରିବେଷଣ ହୁଏ ଓଡିଆ, ହିନ୍ଦୀ ଓ ଇଂରାଜୀ ଶବ୍ଦର ଦ୍ୱିଅର୍ଥ ବୋଧକ ସଂଗୀତ, ମେଲୋଡି, ରେକର୍ଡ୍ୟାନ୍ସ ଓ ଡିଜେ ନାଇଟ୍ ପରିବେଷଣ ହୁଏ ଅଶୀଳ ନୃତ୍ୟ । ଏହା ଆଧୁନିକତା ନା ଆଧୁନିକତା ନାଁରେ ଆମର ଔଧତ୍ୟ । ରଜ ଦୋଳି କଥା କହିବା ବାହୁଲ୍ୟ । ଗଛ କାହିଁ ଯେ ଦୋଳି ଆସିବ । ଗଛ ତ ଅନବରତ କଟା ଚାଲିଛି । ଗାଁ ମୁଣ୍ଡରେ ଥିବା ବରଗଛ ମେଳି ଗାଁ ସଂସ୍କୃତିର ମୂକ ସାକ୍ଷୀ । ଆଜି ଥୁଣ୍ଟା ହୋଇଯାଇଛି । ଗ୍ରୀଷ୍ମରେ ଶୀତଳ ଛାୟା ଓ ବାରମାସ ଯାକ ବିଭିନ୍ନ ପ୍ରକାରର ଚଢେଇ ମାନଙ୍କୁ ଅଭୟ ଆଶ୍ରୟ ପ୍ରଦାନ କରୁଥିବା ବୁଢା ବରଗଛ ଆଜି ସର୍ବସ୍ୱାନ୍ତ । ଜମୁ ନାହିଁ ଆଜି ଲୁଡୁ ଓ ତାସ୍ ଖେଳର ଆସର, କିମ୍ବା ବାଗୁଡି ଓ ଦାଣ୍ଡିଆ । ଗାଁ ଆଜି ଖାଁ ଖାଁ, କାରଣ ସହରୀବାବୁକୁ ଗାଁ କୁ ଫେରିବାକୁ ବେଳ ନାହିଁ । ଭାଷା ଭିତିରେ ଆମ ରାଜ୍ୟ ଓଡିଆ ଭାଷାକୁ ନେଇ ଓଡିଶା ଦେଶ ସମୃଦ୍ଧି । ସାହିତ୍ୟ, କଳା ଦର୍ଶନ, ଭାସ୍କର୍ଯ୍ୟକୁ ନେଇ ଆମେ ଗର୍ବିତ । ଉତ୍କୃଷ୍ଟ କଳାର ଦେଶ ବୋଲି ଏହାର ନାଆଁ ହେଉଛି ଉତ୍କଳ । କୋଣାର୍କ ମନ୍ଦିରର କାରୁକାର୍ଯ୍ୟ ଅଦ୍ୱିତୀୟ । ବିଶ୍ୱଗୁରୁ ରବିନ୍ଦ୍ରନାଥ ଠାକୁର ସେଦିନ ଅବିଭୂତ ହୋଇ ଯାଇଥିଲେ ନିହାଣ ମୁନରେ ଓଡିଆ ପୁଅର ନୈପୁଣ୍ୟତା ଦେଖି । ତାଙ୍କରି ଭାଷାରେ - ଏଠାରେ ତ ପଥର କଥା କହୁଛି । ଆମ ଓଡିଶୀ ନୃତ୍ୟ ତ ଆମର ସ୍ୱତନ୍ତ୍ରତା । ତାରକସୀ କାମ, ମଣିଆବନ୍ଧର ମାଣିଆ ପାଟ, ପିପିଲିର ଚାନ୍ଦୁଆ, ସମ୍ବଲପୁରୀ ବସ୍ତ୍ର ଦେଖି ବିଦେଶରେ ଢେରେ ଅଦୃତ । ସବୁଠୁ ବଡ କଥା ହେଲା ଆମ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି । କିନ୍ତୁ ପଦତାପର ବିଷୟ ସେ ଭାଷା ପ୍ରତି ଲୋକମାନଙ୍କର ସେହି ପରିଣାମରେ ଆଦର ନାହିଁ । ଓଡିଆରେ କଥା ହେବା ପାଇଁ ଆମେ କୁଣ୍ଠାବୋଧ କରୁଛୁ । ସତ କହିବାକୁ ଗଲେ ଗୋଟିଏ ଭାଷା ହେଉଛି ଗୋଟେ ଜାତିର ଅସ୍ମିତା । ଭାଷାର ସଂକଟ ଦେଖା ଦେଲେ ଜାତିର ସଂକଟ ଆସେ । ସଂସ୍କୃତି, ପରମ୍ପରାର ଅଦକ୍ଷୟ ହେଲେ ଗୋଟେ ଜାତି ତାର ମୌଳିକତା ହରାଇଦେବ । ରଜ କେବଳ ଗୋଟିଏ ପର୍ବ ନୁହେଁ, ଏହା ହେଉଛି ଏ ମାଟିର ମୌଳିକତା । ସର୍ବଂସହା ଧରିତ୍ରୀ ପ୍ରତି ଏହି ଜାତିର ସମ୍ମାନର ଏକ ନିଦର୍ଶନ । ଏହି ଚାରିଦିନ ଆମ ଓଡିଶାରେ ସମସ୍ତ ଚାଷକାର୍ଯ୍ୟ ବନ୍ଦ ରହେ । ମାଟିକୁ ଆଘାତ ଦେଲା ଭଳି କୌଣସି କାର୍ଯ୍ୟ ଯଥା ଗାତ ଖୋଳିବା, ହାଣିବା, ଗଛପତ୍ର କାଟିବା ସମସ୍ତ କାର୍ଯ୍ୟ ବନ୍ଦ ରହେ । ପରିବେଶ ଓ ପ୍ରକୃତି ପ୍ରତି ଓଡିଆମାନଙ୍କର ସ୍ନେହ, ଭଲ ପାଇବାର ଉଦାହରଣ । ଏବେ ବି ସମୟ ଅଛି ଚାଲ ଆମେ ସମସ୍ତେ ମାଟି ମନସ୍କ ହେବା । ଏ ମାଟିକୁ ଭଲ ପାଇବା, ଏ ମାଟିର ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା । 'ଜଗତେ ସରସ ଭାରତ କମଳ, ତା' ମଧ୍ୟେ କେଶର ପୁଣ୍ୟ ନୀଳାଚଳ ।'ଯେଉଁ ଭୂଖଣ୍ଡରେ ସ୍ୱୟଂ ଶ୍ରୀଜଗନ୍ନାଥ ଆମର ଆରାଧ୍ୟ, ଏ ଓଡିଆ ଜାତିର ନାୟକ, ସେ ମାଟିରେ ସଂସ୍କୃତିକୁ ଭୁଲିଯିବା ଆଦୌ ସମୀଚୀନ ନୁହଁ । ଆମ ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥ ନୀଳାଚଳରେ ବିରାଜମାନ କରି ଉତ୍କଳୀୟ ପରମ୍ପରାକୁ ପାଳନ କରନ୍ତି । ଆମେ କିପରି ଭୁଲିଯିବା ଆମର ଐତିହ୍ୟକୁ ଆମ ଶ୍ରୀଜଗନ୍ନାଥ ଖାଣ୍ଟି ଓଡିଆ । ଆସେ ସମସ୍ତେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ରହିବା ।

*ଶ୍ରୀବିହାର, ଭୁବନେଶ୍ୱର*
*ମୋ-୭୮୯୪୧୫୩୫୭୮*




# ଓଡିଶାରେ ମୋହନ ସରକାର

ହିମାଂଶୁ ଶେଖର ଆଚାର୍ଯ୍ୟ

ସବୁ କଳ୍ପନା ଜଳ୍ପନାର ଅନ୍ତଘଟିଛି । ଦୀର୍ଘ ସାତଦିନର ଅପେକ୍ଷା ପରେ ଓଡିଶା ପାଇଛି ନୂଆ ମୁଖ୍ୟମନ୍ତ୍ରୀ । ମଙ୍ଗଳବାର ଅପରାହ୍ନରେ ବିଜେପି ବିଧାୟକ ଦଳ ବୈଠକରେ ମୋହନ ମାଝୀ ଓଡିଶାର ନୂଆ ମୁଖ୍ୟମନ୍ତ୍ରୀ ହେବେ ବୋଲି ନିଷ୍ପତ୍ତି ନିଆଯାଇଥିଲା । କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିବା କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ଘୋଷଣା କରିଥିଲେ । ପ୍ରଥମ ଥର ପାଇଁ ଓଡିଶାର ୧୪୭ଟି ବିଧାନସଭା ଆସନ ମଧ୍ୟରୁ ୭୮ଟିରୁ ବିଜୟୀ ହୋଇ ପ୍ରଥମ ଥର ପାଇଁ ସରକାର ଗଠନ କରିବା ପାଇଁ ସମର୍ଥ ହୋଇଥିଲା । ତେବେ କିଏ ମୁଖ୍ୟମନ୍ତ୍ରୀ ହେବେ ସେ ନେଇ ସସପେନ୍ସ ଲାଗି ରହିଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ବୈଜୟନ୍ତ ପଣ୍ଡା, ପ୍ରତାପ ଷଡଙ୍ଗୀ ଓ ଅନ୍ୟମାନଙ୍କ ନାମ ଚର୍ଚ୍ଚା ହେଉଥିବା ବେଳେ ରାଜ୍ୟରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଧାୟକ ସୁରେଶ ପୂଜାରୀ, ମୁକେଶ ମହାଲିଙ୍ଗ, କନକବର୍ଦ୍ଧନ ସିଂହଦେଓ, ଜୟନାରାୟଣ ମିଶ୍ର, ଲକ୍ଷ୍ମଣ ବାଗ, ସୁରମା ପାଢୀଙ୍କ ସହ ମୋହନ ମାଝୀଙ୍କ ନାମ ମଧ୍ୟ ଥିଲା । ମାତ୍ର ସମସ୍ତଙ୍କୁ ଚମକାଇ ମୋହନ ମାଝୀଙ୍କ ମୁଣ୍ଡରେ ରାଜ୍ୟର ମୁଖିଆ ଦାୟିତ୍ୱ ନେବାକୁ ପଡିଲା । ଯାହା ଆଶା କରାଯାଉଥିଲା ଯେ ମୁଖ୍ୟମନ୍ତ୍ରୀ ପଦ ଦେବାରେ ଭାରତୀୟ ଜନତା ଦଳ ମଧ୍ୟପ୍ରଦେଶ ରାଜସ୍ଥାନ ଓ ଛତିଶଗଡ ଭଳି ଓଡିଶାକୁ ପ୍ରାଧାନ୍ୟତା ନନେଇ ମୋଦୀ ତାଙ୍କ ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ କରିଦେଲେ । ନୂଆ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ମୋହନ ଚରଣ ମାଝୀଙ୍କ ଜନ୍ମ ୧୯୭୨ ମସିହା ଜାନୁୟାରୀ ୬ ତାରିଖ । ଘରେ ମାଆ ଏବଂ ପତ୍ନୀଙ୍କ ସହ ଦୁଇ ପୁଅ ଅଛନ୍ତି । ପତ୍ନୀ ଡା. ପ୍ରିୟଙ୍କା ମାରାଣ୍ଡି ଚଳିତ ନିର୍ବାଚନରେ ସେ ବିଜେଡିର ମୀନା ମାଝୀଙ୍କୁ ୧୧୫୭୭ଭୋଟରେ ପରାସ୍ତ କରି ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ସରପଞ୍ଚ ରୁ ସିଏମ୍ (ମୁଖ୍ୟମନ୍ତ୍ରୀ) ରାସ୍ତାରେ ସେ ଚାରିଥର ବିଧାୟକ, ଥରେ ଉପମୁଖ୍ୟ ସଚେତକ ଓ ଥରେ ବିରୋଧୀ ଦଳ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ତୁଲାଇଛନ୍ତି । ପୂର୍ବରୁ ୧୯୯୭ରେ ସେ ଥିଲେ ସରପଞ୍ଚ । ତା ପରେ ସେ ବିଧାୟକ ହେଲେ ଏବେ ମୁଖ୍ୟମନ୍ତ୍ରୀ । ବୁଧବାର ଦିନ ସେ ଓଡିଶାରେ ତୃତୀୟ ଆଦିବାସୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ଏହା ପୂର୍ବରୁ ୨୦୦୦, ୨୦୦୪, ୨୦୧୯, ଓ ୨୦୨୪ ମୋଟରେ ଚାରିଥର ସେ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି ଜଣେ ଆଦିବାସୀ ବର୍ଗର ଯୁବକ ଏବଂ ସ୍ନାତକ ଡିଗ୍ରୀଧାରୀ ବିଜେପି ରାଜନୀତିରେ ଯୋଗଦେବା ପୂର୍ବରୁ ସେ ଶିଶୁ ମନ୍ଦିରରେ ଗୁରୁଜୀ ଭାବରେ ଶିକ୍ଷାଦାନ କରୁଥିଲେ । ଆଉ ଏହା ପରର ଘଟଣା ଥିଲା ସ୍ୱର୍ଣ୍ଣିମ ଇତିହାସ । ଏଣିକି ଓଡିଶା ଶାସନର ନୂଆ ନାଁ ଲେଖାହେବ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବିଧାନସଭାରେ ବିଭିନ୍ନ ପ୍ରସଙ୍ଗରେ ତଥ୍ୟ ସଂଗ୍ରହ କରି ଦୁର୍ନୀତି ଓ ଭ୍ରଷ୍ଟାଚର ବିରୋଧରେ ସରକାରଙ୍କୁ ସମାଲୋଚନା କରିବାରେ ତାଙ୍କର ପାରଦର୍ଶିତା ଥିଲା । ବିରୋଧୀ ଦଳର ସଦସ୍ୟ ଭାବରେ ସେ ପ୍ରତ୍ୟେକଟି ପ୍ରସଙ୍ଗରେ ସେ ଦୃଢ ଭାବରେ ଛିଡାହୋଇ ଯୁକ୍ତି ଉପସ୍ଥାପନ କରୁଥିଲେ । ସୂଚନା ଯୋଗ୍ୟଯେ ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନରେ ଓଡିଶାରେ ବିଜେପି ଆଶାତୀତ ସଫଳତା ପାଇଛି । ୨୧ରୁ ୨୦ ଆସନ ଦଖଲ କରିଛି ଦଳ ବିଜେଡି ଖାତାଖୋଲିପାରି ନାହିଁ । ଜାତୀୟସ୍ତରରେ ଯେକୌଣସି ରାଜ୍ୟସହ ତୁଳନା କଲେ ଓଡିଶାରେ ବିଜେପିର ସଫଳତା ସର୍ବାଧିକ ରହିଛି । ସେହିପରି ଓଡିଶାରେ ନବୀନ ଯାଦୁ କାମ କରିନି । ନବୀନଙ୍କ ୨୪ବର୍ଷ ୩ମାସ ଶାସନରେ ପୂର୍ଣ୍ଣଛେଦ ପଡିଛି । ପରିବ ି ନ ସପକ୍ଷରେ ଯାଇ ବିଧାନସଭାରେ ବିଜେଡିକୁ କ୍ଷମତାଚ୍ୟୁତ କରିଛନ୍ତି ରାଜ୍ୟବାସୀ । ବିଜେପି ସ୍ପଷ୍ଟ ବହୁମତ ମିଳିଛି । ସରକାର ଗଢିବାର ମ୍ୟାଜିକ୍ ନମ୍ବର ୭୪ ଠାରୁ ଆଗକୁ ଚାଲିଯାଇଛି ବିଜେପି । ବିଧାନସଭାର ୧୪୭ଟି ଆସନ ମଧ୍ୟରୁ ବିଜେପି ୭୮, ବିଜେଡି ୫୧, କଂଗ୍ରେସ ୧୪, ସ୍ୱାଧୀନ ୩ ଓ ସିପିଆଇଏମ୍ ୧ଟି ଆସନ ଲାଭ କରିଛନ୍ତି । ଜଣେ ସ୍ୱାଧୀନ ପ୍ରାର୍ଥୀ ବିଜେପିରେ ଯୋଗ ଦେଲାପରେ ଏହି ସଂଖ୍ୟା ୭୯ରେ ପହ ୍ଛି । ଏହା ସ ି ମୁଖ୍ୟମନ୍ତ୍ରୀ ଚୟନ ପ୍ରକ୍ରିୟା ଏତେ ସହଜ ହୋଇନଥିଲା ବିଜେପି ପାଇଁ । ପ୍ରଥମ ଥର ପାଇଁ ରାଜ୍ୟରେ ବିଜେପି ସରକାର ଗଢିବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ ରେସ୍‌ରେ ଧର୍ମେନ୍ଦ୍ର ପ୍ରଧାନ ଆଗରେ ଥିଲେ । ସେ କେନ୍ଦ୍ରମନ୍ତ୍ରୀ ହୋଇଯିବା ପରେ କିଏ ମୁଖ୍ୟମନ୍ତ୍ରୀ ହେବେ ସେ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଥିଲା । ସେ ଆଲୋଚନାର ପର୍ବ ଏବେ ଶେଷ ହୋଇଛି । ବାଜିଜିତିଛନ୍ତି କେନ୍ଦୁଝର ବିଧାୟକ ମୋହନ ମାଝୀ । ମଙ୍ଗଳବାର ସନ୍ଧ୍ୟାରେ ସେ ରାଜଭନକୁ ଯାଇ ସରକାର ଗଠନ ପାଇଁ ଦାବୀ କରିବା ସହ ଓ ୧୨ ତାରିଖରେଶପଥ ଗ୍ରହଣ କରିବେ । ମୁଖ୍ୟମନ୍ତ୍ରୀ ନାମ ଘୋଷଣା ପରେ ମୋହନ ମାଝୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଓଡିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବାକୁ ପ୍ରୟାସ କରିବେ ବୋଲି କହିଛନ୍ତି । ମୋହନ ମାଝୀ ଜଣେ ଆଦିବାସୀ ନେତା ରୂପରେ ଜଣେ ଜଣାଶୁଣା ଚେହେରା । ସର୍ବୋପିର ସେ ଜଣେ ଆଦିବାସୀ ଚେହେରା । ତେଣୁ ତାଙ୍କୁ ଅନ୍ୟ ବିଧାୟକମାନେ ସମର୍ଥନ କରିଥିଲେ । ସେହିପରି ବିଧାନସଭାରେ ୨ଜଣ ଉପମୁଖ୍ୟମନ୍ତ୍ରୀ ରହିବେ ବୋଲି ବିଜେପି ଘୋଷଣା କରିଛି । ପାଟଣାଗଡ ବିଧାୟକ କନବସର୍ଦ୍ଧନ ସିଂହଦେଓ ଓ ନିମାପଡା ବିଧାୟିକା ପ୍ରଭାତୀ ପରିଡା ଏହି ପଦବୀରେ ରହିବେ । ଏବେବି ଜଣେ ଆଦିବାସୀ ନେତା ଭାବରେ ରାଜ୍ୟରେ ତାଙ୍କର ବେଶ୍ ପ୍ରଭାବ ରହିଛି । ବିଜେପି ଦଳର ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ ବେଶ୍ ଜଣାଶୁଣା ସେ । ଏପରିକି ୨୦୦୯ରେ ମୟୁରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଅନେକ ନେତା ବିଜେପି ଛାଡି ବିଜେଡିରେ ମିଶିଥିଲେ ସୁଦ୍ଧା ମୋହନ ବିଜେପି ଛାଡିନଥିଲେ । ବିଧାନସଭା ଭିତରେ ଓ ବାହରେ ସେ ବେଶ୍ ପ୍ରଭାବୀ ଢଙ୍ଗରେ ସରକାରଙ୍କୁ ସମାଲୋଚନା କରି ରାଜ୍ୟସ୍ତରରେ ଦଳୀୟ ନେତୃବୃନ୍ଦ ଓ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏବେ ଯାହାର ଫଳସ୍ୱରୂପ ରାଇକଳାର ମୋହନ ଏବେ ରାଇଜ ମୁଖିଆ । ଓଡିଶାରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ ହେବାକୁ ଯାଉଛି । ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଓ ଅନ୍ୟାନ୍ୟ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ରାଜନାଥ ସିଂହ, ଉ ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଯୋଗୀ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପିନଡ୍ଡା ଓ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀ ଆସି ପ୍ରତିଶ୍ରୁତି ବର୍ଷା କରିଯାଇଛନ୍ତି । ବିଶେଷକରି ମୋଦୀ କେତେକ ପ୍ରମୁଖ ଗ୍ୟାରେ ି ଦେଇଯାଇଛନ୍ତି । ତନ୍ମଧ୍ୟରୁ ଶ୍ରୀମନ୍ଦିର ୪ଦ୍ୱାର ଖୋଲିବା, ରତ୍ନଭଣ୍ଡାର ଚାବି ଠାବ କରିବା, ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ କରିବା, ସୁଭଦ୍ରାଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ୫୦ହଜାର ଟଙ୍କାର ଭାଉଚର ଦେବା ଓ ଓଡିଶାକୁ ବିକାଶପଥରେ ଆଗେଇନେବା ଇତ୍ୟାଦି । ନିର୍ବାଚନୀ ସଭାରେ ଘୋଷଣା ଅନୁଯାୟୀ ଜଣେ ଓଡିଆ ପୁଅଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଛି । ଆଗକୁ ପଥ ବହୁଦୂର । ଏପରିକି ବିଧାନସଭାରେ ଏକ ଶକ୍ତ ବିରୋଧୀ ଦଳ ଭାବେ ବିଜେଡି ରହିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ହୋଇଥିବା ଲୋକାଭିମୁଖୀ କାର୍ଯ୍ୟକ୍ରମ ମଧ୍ୟ ଅଛି । ତେଣୁ ନୂତନ ଭାବେ ଗଠିତ ବିଜେପି ସରକାର ଓ ଆମ ନୂଆ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପାଇଁ ଏହା ଏକ ଆହ୍ୱାନ ହେବ । ଜନତା ଜନାର୍ଦ୍ଦନ ଉଭୟ ଲୋକସଭାରେ ଓ ରାଜ୍ୟସଭାରେ ବିଜେପିକୁ ଯେଉଁ ଜନାଦେଶ ଦେଇଛନ୍ତି ସେମାନଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଅଗ୍ରାଧିକାର ଭି ିରେ କାର୍ଯ୍ୟକରିବାକୁ ହେବ । ଏହି ଆହ୍ୱାନକୁ ଆମର ନୂଆ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କିପରି ସଫଳତାର ସହ ମୁକାବିଲା କରିବେ ତାହା ସମୟ କହିବ !

ତିର୍ ୍ଲ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି । ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ିଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପ ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପଞ୍ଚ ଙ୍କ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ରସରରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅ'ର୍ଗତ ରହାଡପୁରସ୍ଥିତ ଏକ କ୍ରଶର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟାମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥାଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଭଡିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ପାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ । ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା । ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ । ମୃତକର ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ବେଆଇନ କ୍ରଶର ଗୁଡିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଗ୍ରାମବାସିମାନେ ଲିଖିତ ଆକାରରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ । ତେବେ ମୃତକର ପରିବରକୁ କ୍ଷତିପୂରଣ ପ୍ରଦାନ ସହିତ ବେଆଇନ କ୍ରଶର ଗୁଡିକ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବା ନେଇ ପୁଲିସ ପକ୍ଷରୁ ପ୍ରତିସୃତି ମିଳିବା ପରେ ଲୋକେ ଶବକୁ ଛାଡିବା ସହିତ ରାସ୍ତାରୋକରୁ ହଟିଥିଲେ । ଏନେଇ ଜେନାପୁର ପୁଲିସ ଏକ କେଶ ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦଲାଗି ପଠାଇବା ସହ ତଦନ୍ତ ଚଳାଇଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇ ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକ ୍ । ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ



କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେ ସ୍କ୍ୱାର୍ଡ ଅତର୍କିତ ଚଡାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି । ଏସିଏଫ୍ ଅଜୟ କୁମାର ସାହୁଙ୍କ ତ ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର,ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ,ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ,ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଡାଉ କରିଥିଲେ । ଚଡାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଙଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ସ୍ୱ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି ।




# ଓବେସୋଫୋବିଆ



ଓଜନ ବଢ଼ିବା, ବର୍ତ୍ତମାନ ସମୟରେ ସବୁଠୁ ବଡ଼ ଚିନ୍ତା ଭିତରୁ ଗୋଟିଏ। ଓଜନ ବୃଦ୍ଧି ପାଇବା ଅନେକ ରୋଗର କାରଣ ପାଲଟୁଛି। ଏହି କାରଣରୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଲୋକଙ୍କୁ ଓଜନ ନିୟନ୍ତ୍ରିତ ରଖିବା ପାଇଁ ପରାମର୍ଶ ଦେଉଛନ୍ତି। କେହି କେହି ଓଜନ ବୃଦ୍ଧିକୁ ନେଇ ଏତେ ଚିନ୍ତିତ ହୋଇପଡୁଛନ୍ତି ଯାହା ଏକ ମାନସିକ ସମସ୍ୟାରେ ପରିଣତ ହେଉଛି। ଯଦି ଆପଣ ବି ସବୁବେଳେ ଓଜନ ବୃଦ୍ଧିକୁ ନେଇ ଭୟ କରୁଥିବେ, କାଳେ ମୋର ଓଜନ ବଢ଼ିଯିବନି। ତା'ହେଲେ ଏହାକୁ ଫୋବିଆ ରୂପରେ ଦେଖାଯାଇଥାଏ। ଏହି ଫୋବିଆକୁ ଡାକ୍ତରୀ ଭାଷାରେ କୁହାଯାଇଥାଏ ଓବେସୋଫୋବିଆ। ଓବେସୋଫୋବିଆ ଓଜନ ବୃଦ୍ଧିକୁ ନେଇ ମନରେ ଆସୁଥିବା ଏକ ଅସାମାନ୍ୟ ଡର, ଯାହା ବ୍ୟକ୍ତିର ଖାଦ୍ୟପେୟ ଅଭ୍ୟାସକୁ ପ୍ରଭାବିତ କରିଥାଏ। ଏହି ଫୋବିଆରେ ପୀଡ଼ିତ ବ୍ୟକ୍ତି ଅନ୍ୟ ମାନସିକ ରୋଗ ଯେମିତି ଏନେରେକ୍ସିଆ, ବୁଲିମିଆ ପରି ରୋଗରେ ମଧ୍ୟ ପୀଡ଼ିତ ଥାଆନ୍ତି। ଓବେସୋଫୋବିଆରେ ପୀଡ଼ିତ ବ୍ୟକ୍ତି ଅଧିକ ମୋଟା ଲୋକଙ୍କୁ ଘୃଣା କରିଥାନ୍ତି। ଏମିତିକି ସେମାନେ କିଛି ବି ଖାଇବାକୁ ଭୟ କରିଥାନ୍ତି। ଓବେସୋଫୋବିଆ ହେବାର ଅନେକ କାରଣ ରହିଛି। ପିଲାଦିନେ ଓଜନକୁ ନେଇ କୌଣସି ଖରାପ ଅନୁଭବ କିମ୍ବା ଆଖପାଖ ପରିବେଶ ଏହି ମାନସିକ ରୋଗ ହେବାର କାରଣ ହୋଇପାରେ। ନଚେତ ଏହି ମାନସିକ ରୋଗ ଯଦି ପରିବାରରେ କାହାକୁ ହୋଇଥିବ ତା'ହେଲେ ଘରର ଅନ୍ୟ ସଦସ୍ୟଙ୍କୁ ହେବାର ମଧ୍ୟ ଆଶଙ୍କା ଥାଏ। ଅନ୍ୟ କାରଣ ଗୁଡ଼ିକରେ ସାମାଜିକ ଚିନ୍ତା, ମନରେ ଅସୁରକ୍ଷିତ ଭାବନା କିମ୍ବା ଲୋକଙ୍କ ଆଲୋଚନାର କାରଣ ମଧ୍ୟ ମନରେ ମୋଟା ହେବାର ଭୟ ସୃଷ୍ଟି କରିଥାଏ। ଅନେକ ଲୋକ ଏହାର ଲକ୍ଷଣ ଜାଣି ପାରିନଥାନ୍ତି। ଏହାକୁ ଉତ୍ତମ ଖାଦ୍ୟ ଅଭ୍ୟାସ ବୋଲି ଭାବିଥାନ୍ତି। କିନ୍ତୁ ଏହି ଅଭ୍ୟାସ ଓବେସୋଫୋବିଆର କାରଣ ହୋଇପାରେ। ସ୍ୱାସ୍ଥ୍ୟକର ଡାଏଟ୍ ଅନୁସରଣ କରିବା ଓବେସୋଫୋବିଆ ନୁହେଁ। କିନ୍ତୁ ଯଦି କେହି ପତଳା ରହିବା ପାଇଁ ଆବଶ୍ୟକତାଠାରୁ ଅଧିକ ଡାଏଟ ଅନୁସରଣ କରିବା, ଏକ୍ସରସାଇଜ କରିବା ଏବଂ ଭୋକିଲା ରହିବା ଓବେସୋଫୋବିଆର ଲକ୍ଷଣ ହୋଇପାରେ। ଓବେସୋଫୋବିଆର କୌଣସି ଗୋଟିଏ ଚିକିତ୍ସା ନାହିଁ।

# 'ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକତା ଅଛି'



ଖୋରଧା (ପିଏନ୍)-ଆମରି ସତ୍ୟ ବିକାଶ ପରିଷଦ ତରଫରୁ 'ଅନୁବାଦ ସାହିତ୍ୟ' ଉପରେ ଏକ ଆଲୋଚନା ଚକ୍ର ବିଶ୍ୱାମିତ୍ର ସେବା ଟ୍ରଷ୍ଟ, ଖୋରଧାଠାରେ ଡ ପ୍ରମୋଦ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତା ଏବଂ ସମରଜିତ୍ ପଟ୍ଟନାୟକଙ୍କର ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ତଥା ନ୍ୟାସନାଲ ବୁକ୍ ଟ୍ରଷ୍ଟର ଅନୁବାଦ ଶ୍ରୀଯୁକ୍ତ ସୁଭାଷ ଶତପଥୀ ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକତା ଅଛି ଏବଂ ଅନୁବାଦକମାନେ ଅନୁବାଦ ତତ୍ତ୍ୱକୁ ବୁଝିବା ଏକାନ୍ତ ପ୍ରୟୋଜନ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆଭାଷାରେ ପ୍ରକାଶିତ ପୁସ୍ତକଗୁଡ଼ିକର ଅନ୍ୟଭାଷାରେ ଅନୁବାଦ ପୁସ୍ତକର ସଂଖ୍ୟା ନଗଣ୍ୟ ଅଟେ। ଅନୁବାଦକଙ୍କୁ ସାହିତ୍ୟିକଙ୍କଠାରୁ କମ ମୂଲ୍ୟାୟନ କରାଯାଇପାରେନା । ଅନୁବାଦ ସାହିତ୍ୟ ମୂଳ ସାହିତ୍ୟଠାରୁ କୌଣସି ଗୁଣରେ କମ ନୁହେଁ ବୋଲି ମତ ପ୍ରକାଶ ପାଇଥିଲା। ସମ୍ମାନୀତ ଅତିଥି କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସ୍ୱୀକୃତିପ୍ରାପ୍ତ ଅନୁବାଦକ ଆଶୀଷ କୁମାର ରାୟ ହିନ୍ଦୀରେ କିଛି ପୁସ୍ତକ ଅନୁବାଦ କରିଛନ୍ତି। ତାଙ୍କ ମତରେ ଓଡ଼ିଆ କବିତା, ଗଳ୍ପ, ପ୍ରବନ୍ଧଗୁଡ଼ିକର ଅନ୍ୟାନ୍ୟ ଭାଷାରେ ଅନୁବାଦର ସମୟ ଆସିଛି। ଅନ୍ୟତମ ଅତିଥି ମଂଚ ତଥା ଭିଡିଓ ନାଟ୍ୟଶିଳ୍ପ ସମରଜିତ୍ ପଟ୍ଟନାୟକ କହିଲେ ତାଙ୍କ ଅନୁବାଦର ମୂଲ୍ୟାୟନ ପାଠକ କରିବେ। ସେ ତାଙ୍କ କାମ କରିଛନ୍ତି କେବଳ। ସେ ବୁଦ୍ଧଦେବ ବସୁଙ୍କ ଚରିତ୍ର ଏବଂ ବିତର୍କିତ ଉପନ୍ୟାସ 'ରାତଭରେ ବ୍ରିଷ୍ଟି'ର ଓଡିଆ ଅନୁବାଦ କରିଛନ୍ତି। ଅନୁଦିତ ବହିର ନାଁ ରହିଛି-ମୁଁ ମାଳତୀ କହୁଛି।

ବିଶ୍ୱାମିତ୍ର ସେବା ଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କର ଅତିଥି ପରିଚୟ ଦେଇଥିଲେ। ଆଲୋଚନାରେ ଗାଳ୍ପିକ ସୁନିଲ ବୋଷ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, ପ୍ରାକ୍ତନ ଅଧ୍ୟକ୍ଷ ଡ. ଶରତ ଚନ୍ଦ୍ର ମହାପାତ୍ର, ସ୍ୱପ୍ନାରାଣୀ ପାଣିଗ୍ରହୀ, ସାହିତ୍ୟ ସଂସଦ ସଭାପତି ଗୋପାଳକୃଷ୍ଣ ଦାସ, କାଶୀନାଥ ଦାସ, ଆଦି ନାରାୟଣ ଖଣ୍ଡୁଆଳ, ରାଜେନ୍ଦ୍ର ପ୍ରସାଦ ନାୟକ, ନଟବର ସାହୁ, ବିଭୁପ୍ରସାଦ ହରିଚନ୍ଦନ, କିଶୋର ପାଇକରାୟ, ବାସୁଦେବ ସାହୁ, ଦାଶରଥି ପଟ୍ଟନାୟକ, ନଟବର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜବାହାରଲାଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

# ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ



ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ବଉଳାବନ୍ଧର ପ୍ରଖ୍ୟାତଯଶା କଳାକାର ତଥା ନାଟ୍ୟ ସଂଳାପ ଲେଖକ ତ୍ରିନାଥ ଚରଣ ସାହୁଙ୍କ ନାମରେ ନାମିତ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ବିଡିଏ କଲୋନୀସ୍ଥ ଗାୟତ୍ରୀ ମନ୍ଦିର ପରିସରରେ 'ରାମାୟଣର ସାମାଜିକ ପ୍ରତିଫଳନ' ନେଇ ଏକ ଆଲୋଚନାଚକ୍ର ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଭାରତର ପୂର୍ବତନ ରାଷ୍ଟ୍ରଦୂତ ବିଶିଷ୍ଟ କୂଟନୀତିଜ୍ଞ ଏବଂ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ଅଧ୍ୟକ୍ଷ ଅବସର ବେଉରିଆଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ସାନଭାଇ ସ୍ୱର୍ଗତଃ ଭବାନୀଚରଣ ପଟ୍ଟନାୟକଙ୍କ ପଚାଶ ବର୍ଷ ତଳର ପାଣ୍ଡୁଲିପି 'ଆଦରିଣୀ' ତାଙ୍କ ନାତୁଣୀ ଜ୍ୟୋତିପ୍ରଭା ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ ହୋଇ ଉନ୍ମୋଚିତ ହୋଇଥିଲା। ଏହି କବିତା ପୁସ୍ତକର ସଂଗୀତ ଶୈଳୀ ମନୋମୁଗ୍ଧକର ବୋଲି ମତପ୍ରକାଶ ପାଇଥିଲା। ସେହିପରି ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ରଙ୍କ ଲିଖିତ 'ଉତ୍କଳ ସାରସ୍ୱତ ଜଗତର ଅମ୍ଳାନ ପ୍ରତିଭା' ଶୀର୍ଷକ ପ୍ରବନ୍ଧ ପୁସ୍ତକ ଉନ୍ମୋଚିତ ହୋଇଥିଲା। 'ରାମାୟଣ' ଉପରେ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପ୍ରଫେସର ଡ. ପତିତପାବନ ଦଳାଇ, ମୁଖ୍ୟବକ୍ତା ରୂପେ ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ର ଏବଂ ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଆଡଭୋକେଟ୍ ଶିବସୁନ୍ଦର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ସାମନ୍ତରାୟ ଓ ଦୟାନିଧି ସାହୁ ଯୋଗଦେଇ ରାମାୟଣ-ତ୍ୟାଗ ଓ ମହନୀୟତାର ଏକ ଅମୂଲ୍ୟ ଗ୍ରନ୍ଥ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଗୟାପ୍ରସାଦ ମିଶ୍ର, ସମରେନ୍ଦ୍ର ବଳିଆରସିଂହ, ବିଦ୍ୟାଧର ଲେଙ୍କା, ଡ. ଚପଳା ପଣ୍ଡା, ବିଳାସିନୀ ଦାଶ, ସୌଭାଗ୍ୟକୁମାର କର, ବ୍ରଜକିଶୋର ସାହୁ, ଆଡଭୋକେଟ୍ ବିକ୍ରମକେଶରୀ ଚମ୍ପତି, ନଳିନୀ ଦାଶ, ନାରାୟଣ ଦାସ ଓ ଶାନ୍ତିଲତା ଦେବୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନୀଳାଦ୍ରି ଜଗଦ୍ଦେବ, କୈଳାସ ଚନ୍ଦ୍ର ପୃଷ୍ଟି ଓ ପଣ୍ଡିତ ବାସୁଦେବ ସାହୁଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ସଂସଦର ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମହାରଣା ଅତିଥି ପରିଚୟ ଓ ଆୟୋଜିକା ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ଜ୍ୟୋତିରଞ୍ଜନ ସାହୁ, ଦିଲ୍ଲୀପ କୁମାର କର ଓ ସୁକାନ୍ତ କୁମାର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୋଣାର୍କ ସାହିତ୍ୟ ଆସର ଓ ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର (ପିଏନ୍): ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା କୋଣାର୍କ ଉତ୍ସବ-୨୦୨୨ ଅବସରରେ ଆସନ୍ତା ଡିସେମ୍ବର ୪ ତାରିଖରେ କୋଣାର୍କ ସାହିତ୍ୟ ଆସର ଓ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହେବ। କୋଣାର୍କର ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ପୂର୍ବାହ୍ନ ୯ଟା୩୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦୁଇଟି ଅଧିବେଶନରେ ସାହିତ୍ୟ ଆଲୋଚନା, ବ୍ୟଙ୍ଗ କବିତା ଆସର, ଅଣୁଗଳ୍ପ ଓ କବିତା ପାଠ, ପୁସ୍ତକ ଉନ୍ମୋଚନ ସହିତ ଚଳିତବର୍ଷ ୯ଜଣ ସାରସ୍ୱତ ପ୍ରତିଭାଙ୍କୁ ସମ୍ମାନୀତ କରାଯିବ ବୋଲି କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ ସଂପାଦକ ରବୀନ୍ଦ୍ରନାଥ ବାହିନୀପତି ସୂଚନା ଦେଇଛନ୍ତି। ଚଳିତବର୍ଷ ବିଶିଷ୍ଟ କବୟିତ୍ରୀ ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ରଙ୍କୁ 'କୋଣାର୍କ ସାହିତ୍ୟ ସମ୍ମାନ', ବିଶିଷ୍ଟ ପ୍ରାବନ୍ଧିକ ତଥା ଗବେଷକ ଡକ୍ଟର ବିବୁଧ ରଞ୍ଜନଙ୍କୁ 'ଅର୍କପ୍ରଜ୍ଞା ସମ୍ମାନ', ବିଶିଷ୍ଟ ବ୍ୟଙ୍ଗକବି ସତ୍ୟାନାଶଙ୍କୁ 'ବ୍ୟଙ୍ଗରାଜ ସମ୍ମାନ', ବିଶିଷ୍ଟ ଭାଷ୍ୟକାର ତଥା ସଂଯୋଜକ ଡକ୍ଟର ମୃତ୍ୟୁଞ୍ଜୟ ରଥଙ୍କୁ 'କୋଣାର୍କ ଉତ୍ସବ ସମ୍ମାନ', ଚିତ୍ରଶିଳ୍ପୀ ତଥା ଅଭିନେତା ଚିନ୍ତାମଣି ବିଶ୍ୱାଳଙ୍କୁ 'କୋଣାର୍କ କଳା ସମ୍ମାନ', ଭୁବନେଶ୍ୱରସ୍ଥିତ ଇଫକୋ କାର୍ଯ୍ୟାଳୟକୁ 'ଓଡିଆ ରାଜଭାଷା ସମ୍ମାନ', ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ରାଜକିଶୋର ଗୋଚ୍ଛାୟତଙ୍କୁ 'ଅର୍କସ୍ୱର ସମ୍ମାନ', ବିଶିଷ୍ଟ ସମାଜସେବୀ ଉମେଶ ଚନ୍ଦ୍ର ସ୍ୱାଇଁଙ୍କୁ 'କୋଣାର୍କ ସେବା ସମ୍ମାନ' ଓ କବୟିତ୍ରୀ ସୁଜାତା ସିହ୍ନାଙ୍କୁ 'ମା ରୁକ୍ମିଣୀ ଦେବୀ ସ୍ମୃତି ସମ୍ମାନ' ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯିବ। ଏହି ଅବସରରେ ବ୍ୟଙ୍ଗକବି ସର୍ବଗିଳାଙ୍କ ରଚିତ ପୁସ୍ତକ 'ଭଦ୍ର ଖେଚଡ'ର ପାଠକାର୍ପଣ କରାଯିବ। ସାହିତ୍ୟ ଓ ଚିତ୍ରକଳାର ଯୁଗଳବନ୍ଦୀ କାର୍ଯ୍ୟକ୍ରମରେ ଏକାଧିକ ଚିତ୍ରଶିଳ୍ପୀ ଚିତ୍ରକଳା ପ୍ରଦର୍ଶନ କରିବେ। ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ କୋଣାର୍କ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ସାରସ୍ୱତ ଉତ୍ସବରେ ଓଡିଶା ତଥା ରାଜ୍ୟ ବାହାରୁ ଦୁଇଶହରୁ ଅଧିକ ସାହିତ୍ୟ ସାଧକ ଓ ସାହିତ୍ୟପ୍ରେମୀ ଯୋଗଦେବେ ବୋଲି କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ କୁହାଯାଇଛି। ଆୟୋଜିତ ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାନରସେନା ସଂପାଦକ ପ୍ରକାଶଚନ୍ଦ୍ର ଖଟୋଇ, କବୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, କବି ଚିତ୍ତରଂଜନ ବିଶ୍ୱାଳ, କୋଣାର୍କ ଓକିଲ ସଂଘ ସଭାପତି ଶ୍ରୀଜୟ ବରାଳ, ସମାଜସେବୀ ନିରଞ୍ଜନ ସାହୁ, ରାମକୃଷ୍ଣ ମହାନ୍ତି, ନିରଂଜନ ତ୍ରିପାଠୀ ଓ କୁନାଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଜାରକାସ୍ଥିତ ଗାର୍ଡ଼ କାର୍ଯ୍ୟାଳୟରେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କାମଦେବ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ମୁଖ୍ୟଅତିଥି ଓ ସ୍ତମ୍ଭକାର ନବଘନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆ ଓଡ଼ିଶା ଗଠନରେ ମହତାବଙ୍କ ଅବଦାନ ସଂପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ସଭାପତି କାହ୍ନୁ ଚରଣ ଦାଶ ଅତିଥି ପରିଚୟ ପ୍ରଦାନ ଓ ସାଧାରଣ ସଂପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ, ଶିଶୁ ସାହିତ୍ୟିକ ଡ. ମହେଶ୍ୱର ଜେନାସାମନ୍ତ, ଗାଳ୍ପିକ ଅର୍ଜୁନ ପୃଷ୍ଟି, ସାହିତ୍ୟିକ ଧ୍ରୁବ ଚରଣ ବିଶ୍ୱାଳ, ଗୋବିନ୍ଦଚନ୍ଦ୍ର ସାହୁ, ଗୋଲକ ଚନ୍ଦ୍ର ପଲେଇ, ଶରତ କୁମାର ଶତପଥୀ, ଗଣେଶ୍ୱର ବେହେରା, ସତ୍ୟାନନ୍ଦ ପ୍ରଧାନ, ଅଖିଳ କୁମାର ସ୍ୱାଇଁ, ସରୋଜିନୀ ପଣ୍ଡା ଓ କାଦମ୍ବିନୀ ମିଶ୍ର ଯୋଗଦେଇ ଡ. ମହତାବଙ୍କ ସାହିତ୍ୟକୃତି, ସାମ୍ବାଦିକତା ଓ ରାଜନୈତିକ ଜୀବନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଗବେଷିକା ଡ. ସସ୍ମିତା ଦାଶଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଦୀନବନ୍ଧୁ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ରାସ୍ତାରେ ବୋହିଯାଉଛି କେନାଲ ପାଣି



ଧର୍ମଶାଳା (ପିଏନ୍): ଚାଷଜମିକୁ ଜଳସେଚନ କରିବାପାଇଁ କେନାଲ୍ ମାଧ୍ୟମରେ ପାଣି ଛଡ଼ାଯାଉଛି । ହେଲେ ନିମ୍ନମାନର ମରାମତି କାମ ପାଇଁ ରାସ୍ତାରେ ବୋହିଯାଉଛି କେନାଲ୍ ପାଣି । ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଦୁବଗଡ଼ିଆ ମୌଜାରେ ଏଭଳି ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳୁଛି । ଦୁର୍ବଳ କେନାଲ ବନ୍ଧ ଓ ମରାମତି ଅଭାବରୁ କେନାଲରୁ ପାଣି ବୋହିଯାଇ ରାସ୍ତାରେ ଲହଡ଼ି ଭାଙ୍ଗୁଛି । ପାଣିକାଦୁଅ ରାସ୍ତାରେ ଯାତାୟାତ କରିବା ସ୍ଥାନୀୟ ଅଂଚଳବାସୀଙ୍କ ପାଇଁ କଷ୍ଟକର ହେଉଛି । ଏ ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚାଷୀମାନେ ବାରମ୍ବାର ଅବଗତ କରୁଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ବିରୂପା ନଦୀରୁ ହାଇଲେଭଲ୍ କେନାଲ୍ ମାଧ୍ୟମରେ ଧର୍ମଶାଳା ବ୍ଲକର ଚ୍ଛାଷଜମି ପାଇଁ ପାଣି ଛଡ଼ାଯାଏ । ହାଇଲେଭଲ୍ କେନାଲରୁ ୧୩ ଓ ୧୪ନମ୍ବର କେନାଲ୍ ଦେଇ ବିଭିନ୍ନ ଅଂଚଳକୁ ପାଣିଯାଉଛି । ଦୁବଗଡ଼ିଆ ମୌଜାରେ ୧୪ନମ୍ବର କେନାଲରୁ ବାହାରିଥିବା ଶାଖା କେନାଲରେ ଶଙ୍ଖାରିଡ଼ିହ ମୌଜାକୁ ପାଣି ଯାଇଥାଏ । ହେଲେ ଏହି ଶାଖା କେନାଲର ଦୁବଗଡ଼ିଆ ଗାଁ ଶ୍ମଶାନ ନିକଟରେ ବାରମ୍ବାର ଘଳିଆ ପଡୁଛି । କେନାଲରୁ ପାଣି ବାହାରି ନିକଟରେ ଥିବା ରାସ୍ତାରେ ପ୍ରବାହିତ ହେଉଛି । ଏହି ରାସ୍ତାରେ ସ୍ଥାନୀୟ ଉତର ଶାସନ, ନାଉପାଳ ଓ ଦୁବଗଡ଼ିଆ ଆଦି ଗ୍ରାମର ଶହ ଶହ ଲୋକ ଏବଂ ବହୁ ଗାଡ଼ିମୋଟର ଯାତାୟାତ କରୁଛନ୍ତି । ଅନେକ ସମୟରେ ଉକ୍ତ ରାସ୍ତାରେ କେନାଲ ପାଣି ପ୍ରବାହିତ ହେଉଛି । ଫଳରେ ଯା'ଆସ କରିବାରେ ବହୁ ସମସ୍ୟା ସୃଷ୍ଟି ହେବାସହିତ ରାସ୍ତା ନଷ୍ଟ ହେଉଛି । ଏନେଇ ସ୍ଥାନୀୟ ଚାଷୀ ବହୁବାର ଜାରକା ସେଚ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉନାହିଁ। ପ୍ରତିବର୍ଷ ଚାଷୀମାନେ ଜଳକର ଦେଉଥିବା ବେଳେ ଆବଶ୍ୟକ ଅନୁଯାୟୀ କେନାଲ ପାଣି ପାଇପାରୁନାହିଁ । ଫଳରେ ପାଣି ଅଭାବରୁ ଫସଲହାନୀ ହେଉଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ବିଦ୍ୟୁତ୍ କର୍ମଚାରୀଙ୍କୁ ଗୋଡ଼ାଇଲେ ଗ୍ରାହକ

ଧର୍ମଶାଳା (ଇମିସ): ବିନା ଅନୁମତିରେ ଘରେ ପଶି ବିଦ୍ୟୁତ୍ ବ୍ୟବହାର ଯାଂଚ କରୁଥିବା ଟାଟା କମ୍ପାନୀର କର୍ମଚାରୀଙ୍କୁ ବିଦ୍ୟୁତ୍ ଗ୍ରାହକମାନେ ଗାଳିଗୁଲଜ କରିବା ସହିତ ଘଉଡ଼ାଇ ଦେଇଛନ୍ତି । ତେବେ ଏ ସଂପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି । ପ୍ରକାଶ ଯେ, ଧର୍ମଶାଳା ବ୍ଲକ କୁମାରୀ ପଂଚାୟତର ଜଣେ ଗ୍ରାହକଙ୍କ ବିଦ୍ୟୁତ୍ ବ୍ୟବହାର ଯାଂଚ କରିବାପାଇଁ କେତେକ କର୍ମଚାରୀ ତାଙ୍କ ଘରେ ପଶିଥିଲେ । ବିନା ଅନୁମତିରେ ଅଜଣା ଲୋକମାନେ ହଠାତ୍ ଘର ଭିତରେ ପଶିଯିବାରୁ ମହିଳାମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ପରେ ଏହାକୁ ନେଇ କାର୍ଯ୍ୟରତ ବିଦ୍ୟୁତ୍ କର୍ମଚାରୀମାନଙ୍କୁ ଗ୍ରାହକଙ୍କ ସଂପର୍କୀୟମାନେ ଘରୁ ତଡ଼ି ଦେଇଥିଲେ । ବିଦ୍ୟୁତ୍ କର୍ମଚାରୀଙ୍କ ମାତ୍ରାଧିକ କଟକଣା ଓ ଯାଂଚକୁ ନେଇ ଅନେକ ସମୟରେ ଗ୍ରାହକ ଓ କର୍ମଚାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିବା ଜଣାପଡ଼ିଛି ।

# ରକ୍ତଦାତା ସମ୍ବର୍ଦ୍ଧନା ସମାରୋହ: ୧ ୨ ୦ ଜଣ ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର (ପିଏନ୍): କଳିଙ୍ଗନଗର ସେବା ସମିତି ତରଫରୁ ରକ୍ତଦାତା ସମ୍ବର୍ଦ୍ଧନା ସମାରୋହ ଉତ୍ସବ ସ୍ଥାନୀୟ ସାଇ ରେସୋର୍ଟଠାରେ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରକୁ ଓଡିଶାର କୋଣ ଅନୁକୋଣରୁ ଆସୁଥିବା ରୋଗୀମାନଙ୍କୁ ପ୍ରତ୍ୟକ୍ଷ ଭାବେ ରକ୍ତଦାନ କରୁଥିବା ବନ୍ଧୁମାନଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି । ଏହି ସମ୍ବର୍ଦ୍ଧନା ସମାରୋହରେ ଯେଉଁମାନେ ତିନିଥରରୁ ଅଧିକ ଥର ରକ୍ତଦାନ କରି ଅନ୍ୟର ଜୀବନ ବଂଚାଇବାରେ ସାହାଯ୍ୟ କରିଛନ୍ତି, ସେହିପରି ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆମ୍ରି ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡଣ୍ଟ ଡ. ସିଦ୍ଧାର୍ଥ ମିଶ୍ର ମୁଖ୍ୟ ଅତିଥି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତପ୍ରଚାରକ ଶ୍ରୀ ବିପିନ୍ ପ୍ରସାଦ ନନ୍ଦ ମୁଖ୍ୟବକ୍ତା ଓ ସଂଘର ମହାନଗର ସଂଘଚାଳକ ଡ. ବସନ୍ତ କୁମାର ପତି ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ୧୨୦ ଜଣ ରକ୍ତଦାତାଙ୍କୁ ଆୟୁର୍ବେଦିକ ବୃକ୍ଷ, ମାନପତ୍ର ଦେଇ ସମ୍ମାନୀତ କରିଥିଲେ ।




## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଡଃ.ଶ୍ରୀଧର ସାମଲଙ୍କ କବିତା ସଙ୍କଳନ ପୁସ୍ତକ ନିଃଶବ୍ଦ ଆଳାପ ଲୋକାର୍ପିତ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ.ଶ୍ରୀଧର ସାମଲଙ୍କ ଦ୍ୱାରା ରଚିତ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଶୁକ୍ରବାର ସ୍ଥାନୀୟ ଭାରତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ ଲୋକାର୍ପଣ କରାଯାଇଛି । ଏହି ଉପଲକ୍ଷେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମୋହନ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୁବନେଶ୍ୱରର ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ ଲୋକାର୍ପଣ ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ.ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସରୋଜ କୁମାର ମହାନ୍ତି, ସାହିତ୍ୟିକ ଡଃ.ବାସୁଦେବ ଦାସ, ପ୍ରାଧ୍ୟାପକ ତପନ କୁମାର ପତି ପ୍ରମୁଖ ଯୋଗଦେଇ କବି ଡଃ.ସାମଲଙ୍କ ରଚିତ କବିତା ସଙ୍କଳନ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଲୋକାର୍ପିତ କରିଥିଲେ । ପୁସ୍ତକ ରଚୟିତା ଡଃ.ସାମଲ ଏକାଧାରରେ ଜଣେ କବି, ପ୍ରାବନ୍ଧିକ,ସୁବକ୍ତା ଓ ପ୍ରକୃତିପ୍ରିୟ ମଣିଷ । ବିଶ୍ୱ ବିଖ୍ୟାତ ପର୍ଯ୍ୟଟନକ୍ଷେତ୍ର ଭିତରକନିକା ଉପରେ ନିବନ୍ଧ ରଚନା କରିବା ସହ ଆକାଶବାଣୀ,କଟକ କେନ୍ଦ୍ରରେ ସୁବକ୍ତା ଭାବରେ ତାଙ୍କର ଉପଲବ୍ଧି ସବୁଠି ରହିଛି । ତାଙ୍କର ଅନେକ ନିବନ୍ଧ ଜାତୀୟ ଓ ଅନ୍ତର୍ଯ୍ୟାତୀୟ ପତ୍ରପତ୍ରିକାରେ ପ୍ରକାଶ ପାଇ ବିପୁଳ ପାଉଠକୀୟତା ଅର୍ଜନ କରିଛି । ଡଃ.ସାମଲ ଅଧୁନା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଭୁଗୋଳ ବିଭାଗର ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ(ଇଗ୍ନୋ), ନୂଆଦିଲ୍ଲୀର ସଂଯୋଜକ ଏବଂ ଓଡିଶା ସରକାରଙ୍କ ବାଳିକା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅଛନ୍ତି । ତାଙ୍କର ଏହି ଭିନ୍ନ ସ୍ୱାଦର କବିତା ସଙ୍କଳନଟି ପାଠକ ମହଲରେ ବିଶେଷ ଆଦୃତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅମୀୟ ଜେନା, ପ୍ରାଧ୍ୟାପକ ଜତୀନ୍ଦ୍ର କୁମାର ରାଉତ, ତ୍ରିଲୋଚନ ପ୍ରଧାନ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ବୃନ୍ଦାବନ ଦାସ, ନଳିନୀ ବେହେରା, କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ଦାସ ପ୍ରମୁଖ ବହୁ ସାହିତ୍ୟପ୍ରେମୀ ଓ ବିଶିଷ୍ଟବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧାପକ ଓ ଅଧାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧାପକ, ଅଧାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧାପକ ଓ ଅଧାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧାପକ, ଅଧାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/ ୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧାପକ, ଅଧାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧାପକମାନଙ୍କ ମଧରୁ ବଳି ପଡ଼ିବ କିଏ । ଏହି ବିବାଦ ମଧରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।


2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Thursday June 13, 2024 ଭୁବନେଶ୍ୱର ଗୁରୁବାର, ଜୁନ ୧୨,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ତାପମାତ୍ର ଓ ପରିବେଶ ସୁରକ୍ଷା ପାଇଁ ଗୁରାଣ୍ଡିରେ ଯୁବଗୋଷ୍ଠୀଙ୍କ ଚାରାରୋପଣ



ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଗ୍ରାମାଞ୍ଚଳରେ ଗୁରାଣ୍ଡି ଗ୍ରାମର ଯୁବ ଗୋଷ୍ଠୀଙ୍କ ଦ୍ୱାରା ଚାରାରୋପଣ କରାଯାଇଛି। ଉତ୍ତାପ ବୃଦ୍ଧି ପରିବେଶର ସୁରକ୍ଷା ପାଇଁ ଏହି ଯୁବଗୋଷ୍ଠୀ ଗୁରାଣ୍ଡି ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନର ଚାଷ ଜମି ହିଡ, ପୋଖରୀ ନିକଟ, ଖାଲି ପଡ଼ିଆରେ ଚାରାରୋପଣ କରିଥିଲେ ଓ ବୃକ୍ଷଲତା ହାନୀ ଯୋଗୁଁ ଦିନକୁ ଦିନ ବଢୁଥିବା ତାପମାତ୍ରା, ଜଳବାୟୁରେ ପରିବର୍ତ୍ତନ, ଅଭାବୀ ବର୍ଷା, ପରିବେଶ ପ୍ରଦୂଷଣ ଆଦି ବିଶେଷ ଭାବେ ବୃଦ୍ଧି ପାଉଛି । ଧରାପୃଷ୍ଠରକୁ ସୁରକ୍ଷା ଦେବାକୁ ହେଲେ ବୃକ୍ଷ ହିଁ ଏକ ମାତ୍ର ବିକଳ୍ପ ବୋଲି ହୃଦବୋଧ କରି ଏହି ଯୁବ ଗୋଷ୍ଠୀ ନିଜସ୍ୱ ଉଦ୍ୟମରେ ଗଛ ଲଗାଇବା ସହ ଗଛକୁ ବଞ୍ଚାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ଓ ଯେଉଁ ସ୍ଥାନରେ ଚାରାରୋପଣ କରିଛନ୍ତି ତାର ସୁରକ୍ଷା ଦାୟିତ୍ୱ ଠାରୁ ଆରମ୍ଭ କରି ଗଛ ବଡ ହେବା ପର୍ଯ୍ୟନ୍ତ କାମ କରିବୁ ବୋଲି ଯୁବଗୋଷ୍ଠୀ ସଦସ୍ୟ କେ. ଆଦିନାରାୟଣା, ଏନ୍ ଭେଙ୍କଟରାଓ, ଲଳିତ କୁମାର ରାଉତ, ମହେନ୍ଦ୍ର ପାତ୍ର, ଏସ୍. ମୋହନ ରାଓ, ଜି. ରାଜେଶ, ସୁଶାନ୍ତ କୁମାର ସାମଲ, ରୋହିତ କୁମାର ନାୟକ, ଡି ହେମାଞ୍ଚଳମ୍, ସନ୍ତୋଷ କୁମାର ବେହେରା, ରାଜୁ ପଣ୍ଡା, ତୁଳସୀ କିଶୋର, ଡି. ପ୍ରଦୀପ, ଟି. ରମେଶ ଓ ଏନ୍. ଜଗଦୀଶ ପ୍ରମୁଖ କହିଛନ୍ତି।

# ଭାରତୀୟ ଖେଳନା ଶିଳ୍ପର ଅଭିବୃଦ୍ଧି ପାଇଁ ଫ୍ଲିପକାର୍ଟ ଏବଂ ଡିପିଆଇଆଇଟି ସହବନ୍ଧିତ

କଟକ (ପି.ଏନ): ଭାରତକୁ ଖେଳନା ରପ୍ତାନୀ କେନ୍ଦ୍ର ଭାବରେ ଅବସ୍ଥାପିତ କରିବାର ଏଜେଣ୍ଡାକୁ ଆଗକୁ ବଢାଇବା ପାଇଁ ଫ୍ଲିପକାର୍ଟ ଏବଂ ଆଭ୍ୟ'ରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ସହଯୋଗରେ ଏକ କର୍ମଶାଳାର ଆୟୋଜନ କରାଯାଇଛି। ବିଶ୍ୱ ଖେଳନା ଯୋଗାଣ ଶୃଙ୍ଖଳାରେ ଭାରତର ସାମର୍ଥ୍ୟ ବୃଦ୍ଧି କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା। ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିନିଧିତ୍ୱ କରୁଥିବା ଅଭିନବ ଏବଂ ଉଚ୍ଚ ମାନର ଖେଳନା ଉତ୍ପାଦନ କରିବା ପାଇଁ ଘରୋଇ ନିର୍ମାତାମାନଙ୍କୁ ଦକ୍ଷ ଏବଂ ପୁନଃରୁଦ୍ଧାର କରିବା ଉପରେ ଏହି କର୍ମାଶାଳା ଗୁରୁତ୍ୱାରୋପ କରାଯାଇଛି। ଭାରତକୁ ଖେଳନା ଉତ୍ପାଦନ ପାଇଁ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବା ଉଦ୍ଦେଶ୍ୟରେ ସରକାର ଯୋଜନା ପାଇଁ ଏକ ବିସ୍ତୃତ ଜାତୀୟ କାର୍ଯ୍ୟ ଯୋଜନା (ଏନଏପିଟି) ପ୍ରଣୟନ ସମେତ ଅନେକ ରଣନୈତିକ ପଦକ୍ଷେପ କାର୍ଯ୍ୟକାରୀ କରିଛି । ଗୁଣବତା ବୃଦ୍ଧି ଉଦ୍ଭାବନ ଏବଂ ବଜାର ସଂପ୍ରସାରଣ ମାଧ୍ୟମରେ ଭାରତୀୟ ଖେଳନା ଶିଳ୍ପକୁ ଉନ୍ନତ କରିବା ଏନଏପିଟି ଅଧିନରେ ପ୍ରମୁଖ ପଦକ୍ଷେପର ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଶ୍ରୀ ରାଜେଶ କୁମାର ସିଂହ (ଡିପିଆଇଆଇଟି), ସହ ସଂପାଦକ ଶ୍ରୀ ସଂଜୀବ (ଡିପିଆଇଆଇଟି), ନିର୍ଦ୍ଦେଶକ ମହମ୍ମଦ ଇସହାର ଅଲ୍ଲୀ (ଡିପିଆଇଆଇଟି), ମୁଖ୍ୟ କର୍ପୋରେଟ ବ୍ୟାପର ଅଧିକାରୀ ରାଜନିଶ କୁମାର (ଡିପିଆଇଆଇଟି), ଫ୍ଲିପକାର୍ଟର ଏଫଏମସିଜି ଏବଂ ଜେନେରାଲ ମାର୍କେଣ୍ଡାଇଜର ମୁଖ୍ୟ ମରୀ ସିଂଘଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମର ସଫଳତା ସଂପର୍କରେ ସୂଚନା ଦେଇ ଶିଳ୍ପ ଓ ଆଭ୍ୟ'ରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି)ର ସଂପାଦକ ରାଜେଶ କୁମାର ସିଂହ କହିଛନ୍ତି ଯେ, ଭାରତୀୟ ଖେଳନା କ୍ଷେତ୍ରରେ ଉନ୍ନତି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ଆମେ ସମର୍ପିତ। ଫ୍ଲିପକାର୍ଟ ଭଳି ଶିଳ୍ପପତିଙ୍କ ସହ ସହଯୋଗ କରି ଆମେ ଭାରତକୁ ଉଚ ମାନର ଖେଳନାର ଏକ ଅଗ୍ରଣୀ ରପ୍ତାନିକାରୀ ଦେଶରେ ପରିଣତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛୁ ।' ଫ୍ଲିପକାର୍ଟର ମୁଖ୍ୟ କର୍ପୋରେଟ ବ୍ୟାପାର ଅଧିକାରୀ ଶ୍ରୀ ରାଜନୀଶ କୁମାର କହିଛନ୍ତି ଯେ, ଫ୍ଲିପକାର୍ଟ ମାର୍କେଟପ୍ଲେସ ଜରିଆରେ ଆମେ ସ୍ଥାନୀୟ ଖେଳନା ନିର୍ମାତାଙ୍କୁ ସମଗ୍ର ଭାରତରେ ଗ୍ରାହକଙ୍କ ନିକଟରେ ପହଂଚିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବାରେ ସକ୍ଷମ ହୋଇଛୁ। ଭାରତରେ ଖେଳନା ଶିଳ୍ପକୁ ସୃଦୃଢ କରିବା ଏବଂ ରପ୍ତାନୀ କେନ୍ଦ୍ର ଭାବରେ ଭାରତରେ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବାଣିଜ୍ୟ ମନ୍ତ୍ରଣାଳୟର ଡିପିଆଇଆଇଟିର ପ୍ରୟାସକୁ ସମର୍ଥନ କରି ଆମେ ଆନନ୍ଦିତ। ଏହି କର୍ମାଶାଳା ଏବଂ ହ୍ୟାକାଥନ ସମସ୍ତ ଅଂଶଗ୍ରହଣକାରୀ ଅଂଶୀଦାରଙ୍କୁ ସରକାରଙ୍କ ଏହି ଲକ୍ଷ୍ୟ ହାସଲ ପାଇଁ ସୁଯୋଗ ଚିହ୍ନଟ କରିବାରେ ସାହାର୍ଯ୍ୟ କରିବ।

# ପାରଳାର ବିଭିନ୍ନ ଶିବାଳୟରେ ଶୀତଳ ଷଷ୍ଠୀ ଓ ଶିବପାର୍ବତୀଙ୍କ ବିବାହ ଅନୁଷ୍ଠିତ

ଭୁବନେଶ୍ୱର,(ପି.ଏନ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହର ସମେତ ସମଗ୍ର ଜିଲ୍ଲାର ବିଭିନ୍ନ ଶିବାଳୟରେ ମହା ଆଡ଼ମ୍ବରରେ ସମ୍ପନ୍ନ ହୋଇଛି ଶୀତଳ ଷଷ୍ଠୀ ଓ ଶିବ ବିବାହ। ମା ପାର୍ବତୀଙ୍କ ସହିତ ମହାଦେବଙ୍କ ବିବାହ ସମ୍ପନ୍ନ ହୋଇଛି। ପବିତ୍ର ଶୀତଳ ଷଷ୍ଠୀରେ ପାଣି ଗ୍ରହଣ ଉତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଥିବା ବେଳେ ଭକ୍ତମାନେ ଏହି ଅବସରରେ ବିଭିନ୍ନ ଶୈବପୀଠରେ ଅନ୍ନ ଦାନ, ପଣା ଭୋଗ ବଣ୍ଟନ ସହିତ ଦୀପ ପ୍ରଜ୍ୱଳନ କରିଥିବାର ଦେଖିବାକୁ ମିଳିଥିଲା ଓ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠସ୍ଥିତ ରାମଲିଙ୍ଗେଶ୍ୱର ମନ୍ଦିର, ଫରେଷ୍ଟ ଗେଟ ରାସ୍ତାରେ ଥିବା ଶନି ଓ ଶିବ ମନ୍ଦିର, ପୁରୁଣା କେରାଣ୍ଡି ଗ୍ରାମର ଗୋକର୍ଣ୍ଣେଶ୍ୱର ଶୈବପୀଠରେ ମହାଦେବଙ୍କ ବିବାହ ଉତ୍ସବରେ ହଜାର ହଜାର ସଂଖ୍ୟାରେ ଭକ୍ତ ଯୋଗଦେଇ ଉତ୍ସବ ଦେଖିବା ସହ ପ୍ରସାଦ ସେବନ କରିଥିଲେ ଓ ରାମ ଲିଙ୍ଗେଶ୍ୱର ମନ୍ଦିରର ସେବାୟତ ବ୍ରହ୍ମାନନ୍ଦ ପଣ୍ଡା, ଶିଶିର ପଣ୍ଡା ପଣ୍ଡା, ସନ୍ତୋଷ ପଣ୍ଡା, ପ୍ରେମାନନ୍ଦ ପଣ୍ଡା, ବିଜୟ ପଣ୍ଡା, ଭିକାରୀ ପଣ୍ଡା, ଶ୍ରୀକାନ୍ତ ଭୂକ୍ତା, ପ୍ରଦୀପ ଭୂକ୍ତା, ଶ୍ରୀନିବାସ ଭୂକ୍ତା, ଜଗନ୍ନାଥ ଭୂକ୍ତାଙ୍କ ସହ ରମେଶ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଥମେ ଠାକୁରଙ୍କୁ ଏକ ବିରାଟ ପଟୁଆରରେ ଭୂକ୍ତା ମଣ୍ଡପକୁ ବରବେଶ କରି ନେବା ପରେ ମନ୍ଦିରରେ ଥିବା କଲ୍ୟାଣ ବେଦୀକୁ ଅଣାଯାଇଥିଲା। ଏଠାରେ କନ୍ୟା ପିତା ଠାକୁରଙ୍କୁ ସ୍ୱାଗତ କରି ବାଟ ବରଣ କରିଥିଲେ । ପରେ ହୁଳହୁଳି ଘଣ୍ଟ ତାଳ ଧ୍ୱନି ମଧ୍ୟରେ ମା'ଙ୍କୁ ଅଣାଯାଇ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହାପରେ ନଗର ପରିକ୍ରମା କରାଯାଇଥିଲା ଓ ଶିବ ବିବାହକୁ ଦେଖିବା ପାଇଁ ପୁରପଲ୍ଲୀ ଠାରୁ ଆରମ୍ଭ କରି ସହରାଞ୍ଚଳରେ ରହିଥିବା ବିଭିନ୍ନ ଶିବାଳୟରେ ଭକ୍ତଙ୍କ ଭିଡ ଜମିଥିଲା. ଗତକାଲି କେତେକ ଶିବାଳୟରେ ଶିବ ବିବାହ ଅନୁଷ୍ଠିତ ହୋଇଥିବାବେଳେ ଆଜି ମଧ୍ୟ ଅନ୍ୟ କେତେକ ମନ୍ଦିରରେ ଶୀତଳ ଷଷ୍ଠୀ ଓ ଶିବ ବିବାହ ସମ୍ପନ୍ନ ହୋଇଛି।

# ୫ ଦିନ ପରେ କଲେଜ ଖୋଲିବ ହେଲେ ଗଜପତି ମହାବିଦ୍ୟାଳୟର ଚୈକି ଟେବୁଲ, ଖୋଲା ଆକାଶ ତଳେ ପଡି ଖତ ଖାଉଚି



ଭୁବନେଶ୍ୱରି, (ପି.ଏନ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ଶ୍ରେଣୀବିଭାଗ ମଧ୍ୟରେ ଥିବା ଚୈକି ଟେବୁଲ,ଛାତ୍ର ଛାତ୍ରୀ ମାନେ ବସି ପାଠ ପଢ଼ିବାର, ଆସବାବପତ୍ର ଗୁଡ଼ିକ ବାହାରେ ଖରା ବର୍ଷା କାକରରେ ପଡି ଖତ ଖାଉଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟଯେ ଆଉ ୫ ଦିନ ପରେ କଲେଜ ଖୋଲିବାକୁ ଯାଉଛି. ହେଲେ ଟେବୁଲ ଚୌକି ଆଦି ବାହାରେ ପଡି ରହିଥିବା ଯୋଗୁଁ କଲେଜରେ ଛାତ୍ରଛାତ୍ରୀ କିପରି ପାଠ ପଢିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି. ପ୍ରକାଶଥାଉକି ଚଳିତ ସାଧାରଣ ନିର୍ବାଚନରେ ଗଜପତି ଜିଲ୍ଲାର ମୋହନା ନିର୍ବାଚନ ମଣ୍ଡଳୀର ଏବଂ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ଜିଲ୍ଲା ପ୍ରଶାସନ ନିର୍ବାଚନର ସମସ୍ତ କାର୍ଯ୍ୟକୁ ପାରଳାଖେମୁଣ୍ଡିର ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟ ହିଁ ଚଳିତ ବର୍ଷ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିଲା। ଏହି ମହାବିଦ୍ୟାଳୟରେ ଶ୍ରେଣି ଗୃହ ଗୁଡ଼ିକରେ ଛାତ୍ର ଛାତ୍ରୀମାନେ ବସିକି ପାଠ ପଢୁଥିବା ଚୈକି ଟେବୁଲ୍ ଗୁଡ଼ିକୁ ଶ୍ରେଣି ଗୃହରୁ ବାହାର କରି ଖୋଲା ଆକାଶ ତଳେ ଫୋପାଡି ଦେଇଛନ୍ତି, ଯାହା ଫଳରେ ବର୍ତମାନ ଚୈକ ଟେବୁଲ୍ ଗୁଡ଼ିକ ଖରା ବର୍ଷାରେ ପଡି ଖତ ଖାଉଥିବା ଦେଖାଯାଉଛି। ଆଉ କେଇଟା ଦିନରେ ପିଲାଙ୍କ ମହାବିଦ୍ୟାଳୟ ଖୋଲିବ ପାଠ ପଢା ଆରମ୍ଭ ହେବା ବେଳକୁ ଏହି ଚୈକ ଟେବୁଲ୍ ଗୁଡ଼ିକ ନଷ୍ଟ ହୋଇଯାଇଥିବା ବେଳେ ମେଧାବୀ ଛାତ୍ରଛାତ୍ରୀଙ୍କ ପାଠ ଅଧ୍ୟୟନ ରେ ବାଧାପ୍ରାପ୍ତ ହେବାର ସମ୍ଭାବନା। ଦେଖିବାକୁ ଗଲେ ଏହି ଐତିହାସିକ ମହାବିଦ୍ୟାଳୟ ର ସହ ସହ ବର୍ଷର ପୁରୁଣା ଶାଗୁଆନ କାଠ ନିର୍ମିତ ଚୈୟର ଟେବୁଲ୍ ଗୁଡ଼ିକ ୫ଟି ରୂପାନ୍ତରୀଣ ନାଁରେ ଭଙ୍ଗା ଭଙ୍ଗି କରି ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା , ସେତେବେଳେ ଯେଉଁ ନୂଆ ରୁପାନ୍ତର କାର୍ଯ୍ୟକ୍ରମ ରେ ଅଣାଯାଇଥିବା ଚୈକି ଟେବୁଲ୍, ଗୁଡ଼ିକ ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ଅବହେଳିତ ଅବସ୍ଥାରେ ଖୋଲା ଆକାଶ ତଳେ ଫୋପାଡି ଦେଇଛନ୍ତି ଯାହା କି ଖତ ଖାଉଥିବା ଦେଖିବାକୁ ମିଳିଛି। ଏହି ସମସ୍ତ ବିଷୟବସ୍ତୁକୁ ଆଧାର କରି ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଅଭିଯୋଗ ଆସିଛି, ନିର୍ବାଚନ ସମ୍ପର୍କିତ ସମସ୍ତ କାର୍ଯ୍ୟକ୍ରମ ସମାପ୍ତ ହୋଇସାରିଛି, ହେଲେ ଜିଲ୍ଲା ପ୍ରଶାସନ କ'ଣ ପାଇଁ ମହାବିଦ୍ୟାଳୟର ଆଷବାପତ୍ର ଗୁଡ଼ିକ ଅବହେଳିତ ଅବସ୍ଥାରେ ବାହାରେ ଫିଙ୍ଗା ଫିଙ୍ଗି ଦେଇଛନ୍ତି। ଜିଲାପାଳ ଏଥିପାଇଁ ଦୃଷ୍ଟି ଆକର୍ଷଣ କରି ଯଥାଶୀଘ୍ର ଏହି ବିଷୟରେ ଆଲୋଚନା କରିବା ଆବଶ୍ୟକ ରହିଛି। ଯଦି ଇତି ମଧ୍ୟରେ ଯାହା କିଛି ନଷ୍ଟ ହୋଇଥାଏ ତାହା ହେଲେ ଯଥାଶୀଘ୍ର ତା'ର ବ୍ୟବସ୍ଥା କରାଯିବା ଆବଶ୍ୟକ ରହିଛି. ଯଦି ବା ମହାବିଦ୍ୟାଳୟ ରେ ଛାତ୍ର ଛାତ୍ରୀଙ୍କ ବସିବା ପାଇଁ ପାଠ ପଢ଼ିବାରେ ଅସୁବିଧା ହେଲେ ମେଧାବୀ ଛାତ୍ରଛାତ୍ରୀଙ୍କ ପାଠ ଅଧ୍ୟୟନ ଉପରେ ପ୍ରଭାବ ପକାଇବ ବୋଲି ସୂଚନା ମିଳିଛି।

# ଦକ୍ଷିଣ ଓଡ଼ିଶାର ଶ୍ରୀକ୍ଷେତ୍ର ପାରଳାରେ ୩ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି



ଭୁବନେଶ୍ୱର,(ପି.ଏନ): ଦକ୍ଷିଣ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବେ ପରିଚିତ ପାରଳାଖେମୁଣ୍ଡି ସହରରେ ରଥଯାତ୍ରା ପାଳନ ପାଇଁ ତିନି ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଆଗାମୀ ଜୁଲାଇ ୭ ତାରିଖ ଦିନ ହେବାକୁ ଥିବା ରଥଯାତ୍ରା ଲାଗି ୩ ରଥ ନିର୍ମାଣ ହେଉଛି। ଏଥିପାଇଁ ରଥ ନିର୍ମାଣ କାରୀଗରମାନେ ନିଷ୍ଠାର ସହ ନିର୍ମାଣ କାର୍ଯ୍ୟକୁ ତ୍ୱରାନିତ କରିଛନ୍ତି। ରଥ ନିର୍ମାଣ କମିଟି ସଦସ୍ୟମାନେ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି କାର୍ଯ୍ୟର ତଦାରଖ କରୁଛନ୍ତି । ବର୍ତ୍ତମାନ ତିନି ରଥର ଚକ ନିର୍ମାଣ କାର୍ଯ୍ୟ ଚାଲିଥିବା ଜଣାପଡ଼ିଛି।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray